୬ ଗିଲ୍ଙ୍କ ଶତକ : ବାଂଲାଦେଶକୁ ୬ ୱିକେଟରେ ହରାଇଲା ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ-୩୨ ● ସଂଖ୍ୟା-୨୬ ● ୨୧ ଫେବୃଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-26 ● 21st February 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଖୁବ୍‌ଶୀଘ୍ର ୫୦୦ ନୂତନ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବ

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ କରି ୫୦୦ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ଏହା ସହିତ ଚଳିତ ବର୍ଷ ୮୧୨ଟି ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ମରାମତି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତି ଆଶ୍ରୟସ୍ଥଳୀ ମରାମତି ପାଇଁ ୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ଏଥିପାଇଁ ମୋଟ ୪୮ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ ହେବ ବୋଲି ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।





ବିଜେଡ଼ି ବିଧାୟକ ସାରଦା ପ୍ରସନ୍ନ ଜେନାଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ପ୍ରତାପ କେଶରୀ ଦେବଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଅନେକ ବାତ୍ୟା ଆଶ୍ରୟସ୍ଥଳୀର କାମ ମଧ୍ୟ ଆରମ୍ଭ ହୋଇଯାଇଛି। ରାଜ୍ୟରେ ବର୍ତ୍ତମାନ ୯୦୯ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀ ରହିଛି। ସେଥିରୁ ୬୦୦ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ଓ ୩୦୯ଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ରହିଛି । ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ, ବିଗତ ସରକାରଙ୍କ ସମୟରେ କୌଣସି ଅର୍ଥ ବ୍ୟବସ୍ଥା କରାନଯାଇ ବନ୍ୟା, ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଘୋଷଣା କରାଯାଇଥିଲା, ଯାହାଫଳରେ ଉପକୂଳ ଓଡ଼ିଶାରେ ୫୨ଟି ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ତେବେ ବର୍ତ୍ତମାନର ରାଜ୍ୟ ସରକାର ୫ଶହ ନୂଆ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବା ବେଳେ ପୂର୍ବରୁ ବାକିଥିବା ୫୨ଟି ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳର ନିର୍ମାଣ କାର୍ଯ୍ୟକୁ ନିଶ୍ଚିତ ଭାବେ ହାତକୁ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରସଙ୍ଗରେ ବିଧାୟକ ଶ୍ରୀ ପ୍ରତାପ ଦେବ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦିଷ୍ଟ ଉତ୍ତର ରଖିବାକୁ ବାଚସ୍ପତିଙ୍କ ଜରିଆରେ ନିବେଦନ କରିଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ବାକିଥିବା ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀର କାମ ଆରମ୍ଭ କରାଯିବା ସଂକ୍ରାନ୍ତରେ ସଂପୃକ୍ତ ବିଭାଗୀୟ ମନ୍ତ୍ରୀ ବିଭାଗୀୟ ସଚିବଙ୍କ ସହ ଆଲୋଚନା କରି କାର୍ଯ୍ୟ ସମ୍ପାଦନ କରିବାକୁ ରୁଲିଂ ଦେଇଥିଲେ। ବାଚସ୍ପତିଙ୍କ ପରାମର୍ଶକୁ ଗ୍ରହଣ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, ରାଜ୍ୟ ସରକାର ନିଶ୍ଚିତ ଭାବେ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁସାରେ ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରିବେ।

## ଦିଲ୍ଲୀର ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ରେଖା ଗୁପ୍ତା

ନୂଆଦିଲ୍ଲୀ, ୨୦।୨

ଦିଲ୍ଲୀର ନୂଆ ତଥା ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବରେ ରେଖା ଗୁପ୍ତା ଗୁରୁବାର ଶପଥ ଗ୍ରହଣ କରିଛନ୍ତି । ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିନୟ କୁମାର ସାକ୍ସେନା ରେଖା ଗୁପ୍ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ସହିତ ଦିଲ୍ଲୀର ନୂତନ ସରକାର ଗଠନ ହୋଇଛି। ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିଥିଲେ।

ନୂଆଦିଲ୍ଲୀ ଆସନର ଭାଜପା ବିଧାୟକ ପ୍ରବେଶ ବର୍ମା କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ପ୍ରବେଶ ବର୍ମା ଆପ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କୁ ପରାସ୍ତ କରିଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ କ୍ୟାବିନେଟରେ ବଡ଼ ଦାୟିତ୍ୱ ନେଇପାରନ୍ତି।

ଭାଜପା ବିଧାୟକ ଆଶିଷ ଶୀଲା ମଦନ ଗୋପାଳ ସୁଦ ମଧ୍ୟ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ସେହିପରି ଭାଜପା ବିଧାୟକ ମଞ୍ଜିନ୍ଦର ସିଂହ ସିରସା, ରବିନ୍ଦ୍ର ଇନ୍ଦ୍ରରାଜ, କପିଲ ମିଶ୍ରା, ପଙ୍କଜ ସିଂହ ପ୍ରମୁଖ କ୍ୟାବିନେଟ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ।



## ନୂଆ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମୋହନ ଚରଣ ମାଝୀ



ନୂଆଦିଲ୍ଲୀ, ୨୦।୨

ଦିଲ୍ଲୀର ନୂଆ ତଥା ଚତୁର୍ଥ ମହିଳା ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତା ଗୁରୁବାର ଶପଥ ନେଇଛନ୍ତି । ଲେଫ୍ଟନାଣ୍ଟ ଗଭର୍ଣ୍ଣର ବିନୟ କୁମାର ସାକ୍ସେନା ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହା ସହିତ ଦିଲ୍ଲୀରେ ଦୀର୍ଘ ୨୭ ବର୍ଷ ପରେ ଭାଜପା ସରକାର ଗଠନ ହୋଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଭେଟି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ପ୍ରଭାତୀ ପରିଡ଼ା ଏବଂ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହିଥିଲେ।

### ଜବରଦଖଲକାରୀଙ୍କ କବଜାରେ ୧୦,୯୭୧.୧୧୨ ଏକର ଗୋଚର ଜମି



ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଜବରଦଖଲକାରୀଙ୍କ କବଜାରେ ପ୍ରାୟ ୧୦ ହଜାର ୯୭୧.୧୧୨ ଏକର ଗୋଚର ଜମି ରହିଥିବା ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ବିଧାନସଭାରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ଅନୁଗୁଳରେ ସର୍ବାଧିକ ୨୯୧୪.୪୨୪ ଏକର ଗୋଚର ଜମି ଜବରଦଖଲକାରୀଙ୍କ ଦ୍ୱାରା ଜବରଦଖଲ ହୋଇଥିବା ବେଳେ କେନ୍ଦୁଝରରେ ୧୦୨୫.୮୯୯ ଏକର ଗୋଚର ଜମି ଜବରଦଖଲ ହୋଇଛି । କଳାହାଣ୍ଡିରେ ୯୪୧.୭୪ ଏକର ଗୋଚର ଜମି ଜବରଦଖଲ ହୋଇଥିବା ବେଳେ ନବରଙ୍ଗପୁରରେ ୯୦୧.୧୫ ଏକର, ଗଞ୍ଜାମରେ ୪୭୩.୯୪୧ ଏକର ଗୋଚର ଜମି ଦବରଦଖଲ ହୋଇଛି। ରାଜ୍ୟର ଗୋଚର ଜମିର ପରିମାଣ ୧୧ ଲକ୍ଷ ୨୦ ହଜାର ୭୭୯.୫୯୨ ଏକର ବୋଲି ହିସାବ କରାଯାଇଛି।

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## ୧୧୯ଟି ଆପ୍ ବ୍ଲକ କରିବାକୁ ନିର୍ଦ୍ଦେଶ ଦେଲେ ଭାରତ ସରକାର

ନୂଆଦିଲ୍ଲୀ, ୨୦।୨

ସରକାର ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ବିଭିନ୍ନ କଣ୍ଟେଣ୍ଟ ଅପସାରଣ ଅନୁରୋଧଗୁଡ଼ିକୁ ଟ୍ରାକ୍ କରୁଥିବା ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ସାଇଟ ଲୁମେନ ଡାଟାବେସ୍‌ର ଗୁଗୁଲ ଦ୍ୱାରା ପ୍ରକାଶିତ। ତଥ୍ୟ ଅନୁଯାୟୀ, ଭାରତରେ ଉପଲବ୍ଧ ପ୍ରାୟ ୧୧୯ଟି ଆପ ବ୍ଲକ କରିବାକୁ ଭାରତ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସମସ୍ତ ଆପ ମୁଖ୍ୟତଃ ଚୀନ ଏବଂ ହଂକଂର ଡେଭଲପରମାନଙ୍କ ସହିତ ଜଡ଼ିତ, ଯାହା ଭିଡିଓ ଏବଂ ଭଏସ ଚାଟ୍ ପ୍ଲାଟଫର୍ମ ପ୍ରଦାନ କରିଥାଏ।

ରିପୋର୍ଟ ଅନୁଯାୟୀ ୧୧୯ଟି ଆପ ମଧ୍ୟରୁ, ଭାରତରେ ଏପର୍ଯ୍ୟନ୍ତ କେବଳ ୧୫ଟି ଆପ୍ ସ୍ଥଗିତ ରଖାଯାଇଛି । ପ୍ରଭାବିତ ଆପଗୁଡ଼ିକର ଏକ କମ ସଂଖ୍ୟକ ସିଙ୍ଗାପୁର, ଯୁକ୍ତରାଷ୍ଟ୍ର, ଯୁକ୍ତରାଜ୍ୟ ଏବଂ ଅଷ୍ଟ୍ରେଲିଆରୁ ମଧ୍ୟ ରହିଛି।



ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୯ଏ ଅଧୀନରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଏହି ଧାରା କେନ୍ଦ୍ରକୁ ଜାତୀୟ ସୁରକ୍ଷା, ସାର୍ବଭୌମତ୍ୱ କିମ୍ବା ସାର୍ବଜନୀନ ଶୃଙ୍ଖଳା ସ୍ୱାର୍ଥରେ ଅନଲାଇନ ବିଷୟବସ୍ତୁକୁ ସାଧାରଣ ପ୍ରବେଶକୁ ଅବରୋଧ କରିବାର କ୍ଷମତା ପ୍ରଦାନ କରେ। ଏହି ଧାରା ଅଧୀନରେ ପୂର୍ବ ନିର୍ଦ୍ଦେଶଗୁଡ଼ିକ ଚୀନ ଆପ୍‌କୁ ଟାର୍ଗେଟ କରିଥିଲା, ବିଶେଷକରି ଭାରତ ଏବଂ ଚୀନ ମଧ୍ୟରେ ଭୂ-ରାଜନୈତିକ ଉତ୍ତେଜନା ପରେ ଏହା ଦେଖିବାକୁ ମିଳିଥିଲା।

ବ୍ଲକିଂ ଆଦେଶ ଦ୍ୱାରା ପ୍ରଭାବିତ ତିନି ଜଣ ଆପ ଡେଭଲପର କହିଛନ୍ତି ଯେ ସେମାନଙ୍କୁ ଗୁଗୁଲର କାର୍ଯ୍ୟାନୁଷ୍ଠାନ ବିଷୟରେ ଅବଗତ କରାଯାଇଛି ଏବଂ ସେମାନେ ଏହି ସମସ୍ୟାର ସମାଧାନ ପାଇଁ ଭାରତ ସରକାରଙ୍କ ସହିତ କାମ କରିବାକୁ ଆଗ୍ରହୀ।

ସରକାର ଏବଂ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା କରାଯାଇଥିବା କଣ୍ଟେଣ୍ଟ ଅପସାରଣ ଅନୁରୋଧଗୁଡ଼ିକୁ ଟ୍ରାକ କରୁଥିବା ଲୁମେନ ଡାଟାବେସ ଉପରେ ଗୁଗୁଲ ଦ୍ୱାରା ଏକ ସମ୍ପ୍ରତି ପ୍ରକାଶ ମାଧ୍ୟମରେ ମିଟ୍‌ୱାଇର ଅର୍ଡରଗୁଡ଼ିକର ବିବରଣୀ ପ୍ରକାଶ ପାଇଛି। ତେବେ ଏହି ପ୍ରସଙ୍ଗରେ ଗୁଗୁଲ କୌଣସି ସୂଚନା ଦେଇନାହିଁ।

## ୩୧ ବୃହତ ସେଚ ପ୍ରକଳ୍ପ, ୭୨ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ସିଷ୍ଟମ ପାଇଁ ଖୁବ୍‌ଶୀଘ୍ର ଡିପିଆର

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ୩୧ଟି ବୃହତ ଏବଂ ମଧ୍ୟମ, ୨୭ଟି ବ୍ୟାରେଜ ଓ ୭୨ଟି ନଦୀ ଗର୍ଭ ଜଳାଶୟ (ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ସିଷ୍ଟମ) ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏଥିପାଇଁ ୫୧ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଖୁବଶୀଘ୍ର ଏହାର ଡିପିଆର ପ୍ରସ୍ତୁତି କରାଯିବ ବୋଲି ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଚାଷ ଜମିକୁ ଜଳସେଚନ ସୁବିଧା ସମ୍ପର୍କରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପଚାରିଥିବା ମୂଳ ପ୍ରଶ୍ନ ଏବଂ ଅନ୍ୟ ବିଧାୟକମାନଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, କୋରାପୁଟ ଜିଲ୍ଲା ଜୟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏଲୁଗିରି ଜଳସେଚନ ପ୍ରକଳ୍ପ ଆସନ୍ତା ବର୍ଷାଋତୁ ପୂର୍ବରୁ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ ନିଆଯାଉଛି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ବୃହତ, ମଧ୍ୟମ ଜଳସେଚନ ପ୍ରକଳ୍ପ, ବ୍ୟାରେଜ୍ ପ୍ରକଳ୍ପ ଓ ନଦୀ ଗର୍ଭ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ୫୧ ହଜାର କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଖୁବ୍‌ଶୀଘ୍ର ଏସବୁର ଡିପିଆର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରାଯିବ।



## ସାନ୍ତାଳୀ ଭାଷାର ଶତବାର୍ଷିକୀ ପାଳନ ପାଇଁ ବିଧାନସଭାରେ ଉଠିଲା ଦାବି

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ସାନ୍ତାଳୀ ସମ୍ପ୍ରଦାୟର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାନ୍ତାଳୀ ଭାଷାର ଶତବାର୍ଷିକୀ ରାଜ୍ୟସ୍ତରୀୟ ଉତ୍ସବ ପାଳନ ପାଇଁ ଗୁରୁବାର ବିଧାନସଭାରେ ଦାବି ଉଠିଛି। ଶୂନ୍ୟକାଳରେ ବିଧାୟକ ଭାଦବ ହାଂସଦା ଏବଂ ଜଲେନ ନାଏକ ବାଚସ୍ପତିଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ଅନୁରୋଧ ଜଣାଇଛନ୍ତି।

ସେମାନେ ଦର୍ଶାଇଥିଲେ ଯେ, ୧୯୨୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଉଦ୍ଭାବିତ ସାନ୍ତାଳୀ ଭାଷା ୨୦୨୫ ମସିହାରେ ୧୦୦ ବର୍ଷ ପୂରଣ କରିବ।



ସାନ୍ତାଳୀ ଭାଷାର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରି ଶ୍ରୀ ହାଂସଦା କହିଥିଲେ ଏହି ଭାଷାକୁ ୨୦୦୩ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିଥିଲେ। ଏହି ଭାଷାର ଶତବାର୍ଷିକୀ ପାଳନ ଅବସରରେ ରାଜ୍ୟସ୍ତରୀୟ ଉତ୍ସବ ପାଳନ ସହିତ ଏହି ମାଇଲଖୁଣ୍ଟକୁ ମନେ (ପୃଷ୍ଠା ୭ରେ)

## ଖୁବ୍‌ଶୀଘ୍ର ଭୁବନେଶ୍ୱର ବିମାନବନ୍ଦରକୁ ମିଳିବ ନୂତନ ଟର୍ମିନାଲ

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଖୁବ୍‌ଶୀଘ୍ର ଏକ ନୂଆ ରୂପରେ ଦେଖିବାକୁ ମିଳିବ। ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରସାରଣ ପରେ ତୃତୀୟ ଟର୍ମିନାଲ ଆରମ୍ଭ କରିବାର ଯୋଜନା ରହିଛି । ଏହି ବିକାଶ ବିମାନବନ୍ଦରର କ୍ଷମତା ଏବଂ ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବାକୁ ପ୍ରସ୍ତୁତ, ଯାହା ବର୍ତ୍ତମାନ ଟର୍ମିନାଲ ୧ ଏବଂ ୨ ସହିତ କାର୍ଯ୍ୟ କରୁଛି।

ରିପୋର୍ଟ ଅନୁଯାୟୀ, ଆଗାମୀ ଦୁଇରୁ ତିନି ମାସ ମଧ୍ୟରେ ଟର୍ମିନାଲ ୩ର ନିର୍ମାଣ କାର୍ଯ୍ୟ ୩୦,୦୦୦ ବର୍ଗ ମିଟର ମଧ୍ୟରେ ଆରମ୍ଭ ହେବାକୁ ଯାଉଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ଏବଂ ୨୦୨୫ ଏପ୍ରିଲରେ କାମ ଆରମ୍ଭ ହେବାର ସମ୍ଭାବନା ଅଛି । ଟର୍ମିନାଲ ୩ ରେ ବିମାନ ଯାତ୍ରୀମାନଙ୍କ ପାଇଁ କିଛି ଅତ୍ୟାଧୁନିକ ସୁବିଧା ରହିବ।



ଏହି ପ୍ରକଳ୍ପ ଓଡ଼ିଶାର ବିମାନ ଚଳାଚଳ ଭିତ୍ତିଭୂମିକୁ ପରିବର୍ତ୍ତନ କରିବ ବୋଲି ଆଶା କରାଯାଉଛି, ଯାହା ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ବର୍ଦ୍ଧିତ ଆର୍ଥିକ ଗୁରୁତ୍ୱ ପାଇଁ ଜଣାଶୁଣା।

ସୂଚନା ଅନୁଯାୟୀ ଏହି ସମ୍ପ୍ରସାରଣ ପାଇଁ ଆନୁମାନିକ ନିବେଶ ୧,୦୦୦ କୋଟି ଟଙ୍କାରୁ ଅଧିକ ହେବ। ପାଣ୍ଠିର ଏହି ଯଥେଷ୍ଟ ଆବଣ୍ଟନ ବିମାନ ସଂଯୋଗୀକରଣକୁ ଉନ୍ନତ କରିବା ଏବଂ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱକୁ ସ୍ପଷ୍ଟ କରେ। କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ଉନ୍ନତିକରଣର ବିବରଣୀ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ ହେବା ପରେ, ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦର ଘରୋଇ ଏବଂ ଅନ୍ତର୍ଜାତୀୟ ଯାତ୍ରୀମାନଙ୍କୁ ଉନ୍ନତ ସୁବିଧା ପ୍ରଦାନ କରିବ।

ଏହି ନିବେଶ ପୂର୍ବ ଭାରତରେ ଯାତ୍ରା ଏବଂ ବ୍ୟବସାୟ ପାଇଁ ଏକ ପ୍ରମୁଖ କେନ୍ଦ୍ର ହେବାର ଓଡ଼ିଶାର ଆକାଂକ୍ଷାକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି । ପୂର୍ବରୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କହିଥିଲେ ଯେ ଭୁବନେଶ୍ୱର (ପୃଷ୍ଠା ୭ରେ)

## ଆଜିଠୁ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ


ଶୁକ୍ରବାର ଠାରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ପରୀକ୍ଷା । ସମସ୍ତ ପରୀକ୍ଷାର୍ଥୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ପରୀକ୍ଷା ପାଇଁ ବିଭାଗ ସମସ୍ତ ପଦକ୍ଷେପ ନେଇଛି । ୩୦୨୯ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହେବ । ୫ ଲକ୍ଷ ୧୨ ହଜାର ୪୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ବିଭାଗ ପକ୍ଷରୁ ୩୧୪ଟି ନୋଡାଲ ସେଣ୍ଟର ହୋଇଛି । ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି । ଫ୍ଲାଇଂ ସ୍କ୍ୱାଡ ଠାରୁ ଆରମ୍ଭ କରି ନୋଡାଲ ଅଫିସରମାନଙ୍କୁ ନିଯୁକ୍ତ କରାଯାଇଛି । ସେଣ୍ଟ୍ରାଲ ଅବଜରଭର, ଜିଲ୍ଲା ସ୍ତର ଅବଜରଭର୍ ମାନେ ଦାୟିତ୍ୱରେ ରହିଛନ୍ତି । ଯେମିତି ପରୀକ୍ଷାରେ କୌଣସି ବ୍ୟତିକ୍ରମ ହେବ ନାହିଁ, ସେଥିପାଇଁ ବିଭାଗ ତରଫରୁ ଗୁରୁତ୍ୱ ଦିଆଯାଉଛି ।

### ଏକାଳ ପଖାଳ



ମେଟ୍ରିକ୍ ପରୀକ୍ଷା ଷ୍ଟାର୍ଟ ହୋଇଲା
ନିଅନାହିଁ ଟେନ୍‌ସନ୍
ଅଳ୍ପ ବି ପଢିଲେ ମନଦେଇକରି
ଭଲ କରିବରେ ଧନ
ସ୍ଥିର କରି ନିଜ ମନ
ପ୍ରଥମେ ପଢିକି ଭଲସେ ବୁଝିଲେ
ଚାଲିବ କଲମ ମୂନ ।

## ପୃଥିବୀ ଆଡକୁ ମାଡିଆସୁଛି ବିପଦ : ଧ୍ୱଂସ ହୋଇଯିବ ଜନବହୁଳ ସହର



ନୂଆଦିଲ୍ଲୀ, ୨୦।୨

ମୁମ୍ବାଇ ଓ କୋଲକତା ଆଡକୁ ମାଡି ଆସୁଛି ବିପଦ। ନିମିଷକେ ଧ୍ୱଂସ ହୋଇଯିବ ଜନବହୁଳ ସହର । ଏନେଇ ସତର୍କ କରାଇଛି ନାସା । ପୃଥିବୀ ଆଡକୁ ମାଡିଆସୁଛି ବିନାଶକାରୀ ଗ୍ରହାଣୁ ।

ମହାକାଶରୁ ବିନାଶର ଛାୟା ଘୋଟି ଆସୁଛି । ମୁମ୍ବାଇ ଏବଂ କୋଲକାତା ସମେତ ବିଶ୍ୱର ଅନେକ ପ୍ରମୁଖ ସହରକୁ ମାଡିଆସୁଛି ବିପଦ । ଆମେରିକା ସଂସ୍ଥା ନାସା ଏନେଇ ସତର୍କ କରାଇଛି । ନାସା କହିଛି ଯେ, ୨୦୨୪ୱାଇଆର୪ ନାମକ ଏକ ଗ୍ରହାଣୁ ପୃଥିବୀ ଆଡକୁ ଦ୍ରୁତ ଗତିରେ ମାଡି ଆସୁଛି। ଯଦି ଏହା ମୁମ୍ବାଇ କିମ୍ବା କୋଲକାତା ଭଳି ଜନବହୁଳ ସହରକୁ ଧକ୍କା ଦିଏ, ତେବେ ଏହା ଧ୍ୱଂସାବଶେଷରେ ପରିଣତ ହୋଇଯିବ। ଏହି ଗ୍ରହାଣୁ ପରମାଣୁ ବୋମା ଅପେକ୍ଷା ୫୦୦ ଗୁଣା ଅଧିକ ଶକ୍ତିଶାଳୀ ବୋଲି ବୈଜ୍ଞାନିକ ମତପ୍ରକାଶ କରିଛନ୍ତି।

ପୃଥିବୀରେ ଏହାର ସମ୍ଭାବ୍ୟ ଧକ୍କା ନେଇ ଚିନ୍ତା ପ୍ରକଟ ହୋଇଛି । ଯଦି ଏହା ପୃଥିବୀରେ ଧକ୍କା ଦିଏ ତେବେ ଏହାର ପ୍ରଭାବରେ ପୂର୍ବ ପ୍ରଶାନ୍ତ ମହାସାଗର, ଉତ୍ତର-ଦକ୍ଷିଣ ଆମେରିକା, ଆଟଲାଣ୍ଟିକ ମହାସାଗର, ଆରବ ମହାସାଗର ଏବଂ ଦକ୍ଷିଣ ଏସିଆର କିଛି ଅଂଶରେ ଏହାର କ୍ଷତି ଦେଖିବାକୁ ମିଳିବ । ବୈଜ୍ଞାନିକ ମାନେ ବିଶେଷ କରି ମୁମ୍ବାଇ, କୋଲକାତା, ଢାକା, ଖାର୍ତୁମ ଭଳି ପ୍ରମୁଖ ସହରଗୁଡିକୁ ସତର୍କ (ପୃଷ୍ଠା ୭ରେ)

## ୨୩ ଯାଏଁ କୋହଲା ପବନ, ବଦଳିବନି ପାଗ

ଭୁବନେଶ୍ୱର, ୨୦।୨

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ପାଣିପାଗ ବିଭାଗ ଚେତାବନୀ ଜାରି କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଓ କୋହଲା ପାଗ ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଯାଜପୁର, କଟକ ଓ ଜଗତସିଂହପୁର ଜିଲ୍ଲାର କେତେକ ସ୍ଥାନ, ଖୋର୍ଦ୍ଧା, ପୁରୀ, ଝାରସୁଗୁଡ଼ା, ଅନୁଗୁଳ, ସମ୍ବଲପୁର, ଦେବଗଡ଼, ନୟାଗଡ଼ ଜିଲ୍ଲାର କିଛି ସ୍ଥାନରେ ଏବଂ ବରଗଡ଼, ବୌଦ୍ଧ, ଗଜପତି, ଗଞ୍ଜାମ, କେନ୍ଦ୍ରାପଡ଼ା, କୋରାପୁଟ, ମାଲକାନଗିରି, ରାୟଗଡା ଏବଂ ସୋନପୁରକୁ ସତର୍କ ସୂଚନା ଜାରି କରାଯାଇଛି







# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ୬୪ ଅଭିଯୋଗ ପଞ୍ଜିକୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଡୁଙ୍ଗୁରିପାଲି ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୬୪ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୧ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୩ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି । ଗୋଟିଏ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଛି । ଅନ୍ୟ



ସମସ୍ତ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛ । ବିଡିଓ ଡୁଙ୍ଗୁରିପାଲି ଦିଲୀପ କୁମାର ବାରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୌମ୍ୟାରୁପା ରଥ, ଡୁଙ୍ଗୁରିପାଲି ପଞ୍ଚାୟତ ସମିତି ଅଧ୍ୟକ୍ଷା ଅହଲ୍ୟା ସାହୁ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଘଟଗାଁ ଅଞ୍ଚଳରେ ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କଲେ କୃଷି ନିର୍ଦ୍ଦେଶକ

**କେନ୍ଦୁଝର, ନ୍ୟୁଜ୍**

ନିର୍ଦ୍ଦେଶକ, କୃଷି ଓ ଖାଦ୍ୟ ଉତ୍ପାଦନ, ଓଡ଼ିଶା ପ୍ରେମଚନ୍ଦ ଚୌଧୁରୀ ଘଟଗାଁ ବ୍ଲକର ନିଶୁରୀପଶି ଠାରେ ସ୍ଥାପିତ ସୋଲାର ବୋରୱେଲ ପ୍ରକଳ୍ପ, ସଦର ବ୍ଲକ ଅନ୍ତର୍ଗତ ଟିକରପଡ଼ାରେ କୃଷକ ରେଜିଷ୍ଟ୍ରୀ ଶିବିର ଓ କଲମି ବାଇଗଣ ଚାଷ, ରାଇସୁଆଁ ଠାରେ ଶୀତଳ ଭଣ୍ଡାର ପ୍ରକଳ୍ପ, ଧାତିକା ଓ ଟିକରପଡ଼ା ଠାରେ ସୋରିଷ ଏବଂ ବୁଟ ଚାଷର କ୍ଷେତ୍ର ପ୍ରଦର୍ଶନ ବୁଲି ଦେଖିବା ସହ ଉପସ୍ଥିତ ହିତାଧିକାରୀଙ୍କ ସହ ମତ ବିନିମୟ କରିଥିଲେ । ଆହୁରି ମଧ୍ୟ ଅପରାହ୍ନରେ ଦରବାର୍ ହଲ୍ ଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ କେନ୍ଦୁଝର ଜିଲ୍ଲାର ଉନ୍ନତି କଳ୍ପେ କୃଷି ରୋଡ୍ ମ୍ୟାପ୍ ପ୍ରସ୍ତୁତି ସମ୍ବନ୍ଧରେ ସମସ୍ତ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ରାଜ୍ୟ ସ୍ତରୀୟ ଯୋଜନା ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ । ସମୀକ୍ଷା ବୈଠକରେ କେନ୍ଦୁଝରର ଜିଲ୍ଲାପାଳ ବିଶାଲ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପର୍ଶୁରାମ ବେହେରାଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ‘ପ୍ରତ୍ୟେକ ବ୍ୟକ୍ତି ଅବସର ଜୀବନକୁ ଅସହାୟ ଜନତାଙ୍କ ସେବାରେ ନିୟୋଜିତ କରନ୍ତୁ’

**କଟକ, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସମର୍ପିତ ଅନୁଷ୍ଠାନ ହୋପ୍ ଏଜ୍ ଟ୍ରଷ୍ଟର ଦ୍ୱାଦଶ ବାର୍ଷିକ ସମାରୋହ ମର୍କତ ନଗର ସେକ୍ଟର ୯ ସ୍ଥିତ ରାଇସିନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ମଣିପୁର ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲକ୍ଷ୍ମୀକାନ୍ତ ମହାପାତ୍ର ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଲେ ଯେ ପ୍ରତ୍ୟେକ ବ୍ୟକ୍ତି ନିଜର ଅବସର ଜୀବନକୁ ସମାଜର ଅସହାୟ ଓ ଦରିଦ୍ର ଲୋକଙ୍କ ସେବାରେ ନିୟୋଜିତ କରିବା ଆବଶ୍ୟକ । ଏଥିରୁ ସେମାନେ ମାନସିକ ଶାନ୍ତି ଓ ଆତ୍ମତୃପ୍ତି ଲାଭ କରିପାରିବେ ବୋଲି ସେ ପ୍ରକାଶ କରିଥିଲେ । ବିଶିଷ୍ଟ ଲୋକପ୍ରିୟ ବିଜ୍ଞାନ ଲେଖକ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ କହିଲେ ଯେ ମାନସିକ ଚାପ ଓ ଦୁଶ୍ଚିନ୍ତା ସମସ୍ତ ପ୍ରକାର ଶାରୀରିକ ଓ ମାନସିକ ବ୍ୟାଧିର ମୂଳ କାରଣ । ତେଣୁ



ପ୍ରତ୍ୟେକ ବ୍ୟକ୍ତି ସାକରାତ୍ମକ ମନୋଭାବ ପୋଷଣ କରିବା ସହ ଦୈନିକ ଯୋଗ, ଧ୍ୟାନ ଓ ପ୍ରାଣାୟାମ ଅଭ୍ୟାସ କରିବା ଆବଶ୍ୟକ । ଏହି ଅବସରରେ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ତ୍ୟାଗ ସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ଶିବ ଚିଦାନନ୍ଦ ସରସ୍ୱତୀ ଓ ସୁ ଲେଖିକା କୋକିଳ ସ୍ୱରା ପାତ୍ରଙ୍କୁ ‘ହୋପ ଏଜ ସମ୍ମାନ’ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଟ୍ରଷ୍ଟି ଡଃ ସତ୍ୟ ରାୟ ସ୍ୱାଗତ ଭାଷଣ ଦେଇଥିଲେ । ସଭାପତି କିଶୋର ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଡାକ୍ତର ପି.କେ. ନାୟକ, ସଂପାଦକ ରଣଜିତ ସାହୁ, ଯୁଗ୍ମ ସଂପାଦକ ସୁଜାତା ପଟ୍ଟନାୟକ ପ୍ରମୁଖ ଭାଷଣ ଦେଇଥିଲେ । ଏଥିରେ ଡାକ୍ତର ଜି.ବି. ସାହୁ, ଇଂ କେ.କେ. ଦାସବର୍ମା, ବଂଶୀଧର ରାଉତ, ଉତ୍କଳ ଭୂଷଣ ରାଉତରାୟ, ଡଃ ଦୀପକ ରାଜ, ହିମାଂଶୁବାଳା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ଧାନ କିଣା ଦୁର୍ନୀତିକୁ ନେଇ ଅକ୍ଷୟ କୁମାରଙ୍କ ଅନଶନ ଜାରି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଗତ ଜୁଲାଇ ମାସ ଠାରୁ ରାଜ୍ୟ ଶାସକ ଦଳ ଧାନ କିଣା ନେଇ ଖୁବ୍ ବୟାନ ବାଜି କରିଥିଲା । କଟ୍‌ନୀ ଛଟ୍‌ନୀ ହେବନାହିଁ ବୋଲି ସଂପୂର୍ଣ୍ଣ ଯୋଜନା ଘୋଷଣା ହୋଇଥିଲା । ଧାନ କାଟ ବନ୍ଦ କରିବା ପାଇଁ ଦୁଇ ଜିଲ୍ଲାରେ ଜଣେ ମନ୍ତ୍ରୀଙ୍କୁ ପାଞ୍ଚ ଥାକିଆ ବ୍ୟବସ୍ଥାରେ ଜିଲ୍ଲା ଠାରୁ ବ୍ଲକ୍ ଯାଏ ତଦାରଖ କରିବା ପାଇଁ ବ୍ୟବସ୍ଥା ହୋଇଥିଲା ଏହାକୁ ନେଇ ତୁହାକୁ ତୁହା ଗଣମାଧ୍ୟମରେ ପ୍ରଚାର ମଧ୍ୟ କରାଗଲା । ହେଲେ, କ’ଣ ରାଜନୈତିକ ପାଣିପାଗ ବଦଳିଗଲା ଯେ, ଆଉ କଟନୀ ଛଟନୀ ବନ୍ଦ କରିବା ପାଇଁ ସରକାର ଆଗ୍ରହ ପ୍ରକାଶ କଲେ ନାହିଁ । ଗୋଟିଏ ଗୋଟିଏ ଜିଲ୍ଲାରେ ୧୦ରୁ ୧୨ କେଜି ଧାନ କାଟ ହେଉଛି । ଖୋଦ୍ ଖୋର୍ଦ୍ଧା ଜିଲ୍ଲାରେ ୨୪ କେଜି ଧାନ କଟା ଯାଇଛି । ନୟାଗଡ଼ ଜିଲ୍ଲାର ପ୍ରତି ବ୍ଲକରେ ୯ରୁ ୧୦ କେଜି ଧାନ କଟା ହେଉଛି । କିନ୍ତୁ କୌଣସି ଜାଗାରେ ମିଲରଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କଠୋର୍ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଭଦ୍ରକ ଜିଲ୍ଲାରେ ନିଜେ ଜିଲ୍ଲାପାଳ ସମବାୟ ସଂପାଦକଙ୍କୁ ନିଜେ ଧରିଥିଲେ ବି ତାଙ୍କୁ ବହିଷ୍କୃତ କରାନଯାଇ କେବଳ ଧାନ କିଣା ଦାୟିତ୍ୱରୁ ଅବ୍ୟହତି ଦିଆଯାଇଥିଲା । ସେହିଭଳି ଜଗତସିଂହପୁରରେ ଶୋଭା ମଣ୍ଡିରେ ମିଲ୍ କଟରେ ଧାନ ଉଠୁଥିଲା



ବେଳେ ମିଲରମାନେ ଧାନ ଉଠାଇବାରେ ସହଯୋଗ କଲେନି । ଯେଉଁଠି ଚାଷୀମାନେ ଧାନର ମାନ ପରୀକ୍ଷା କରି କାଟ ଦେବାକୁ ରାଜି ହେଉନାହାନ୍ତି । ସେଠାକୁ ଆନାଲାଇଜର ମେସିନ୍ ଆଣିବା ପାଇଁ ମିଲରମାନେ ସମବାୟ ସଂପାଦକଙ୍କୁ କହୁଛନ୍ତି । ଆନାଲାଇଜର ମାଧ୍ୟମରେ ଚାଷୀମାନଙ୍କୁ ଧମକା ଯାଇ କାଟ ନିଆଯାଉଛି । ଏହାରି ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚଳାଇଥିବା ଅନଶନ ଜାରି ରହିଛି । ତାଙ୍କୁ ସମର୍ଥନ ଜଣାଇ ଭଦ୍ରକ, ଢେଙ୍କାନାଳ, କଟକ, ଜଗତସିଂହପୁର, ତିଗିରିଆ ଆଦି ସ୍ଥାନକୁ ପହଞ୍ଚିଛନ୍ତି । ସଂଗଠନ ତରଫରୁ ଅନଶନ ସ୍ଥଳରେ ସାମିଲ ହେବାକୁ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଆହ୍ୱାନ ଜଣାଇଛନ୍ତି । ଅନଶନରେ ଭଦ୍ରକର ତ୍ରିଲୋଚନ ପଣ୍ଡା, ନିମାପଡ଼ାର ପ୍ୟାରିଶ ପାତ୍ର, ଜୟନ୍ତ ଜେନା, ତିଗିରିଆ ହୃଷିକେଶ ନାୟକ, ଶ୍ରୀନିବାସ ନାୟକ ପ୍ରମୁଖ ଯୋଗଦେଇଥିଲେ ।

# ସାହିତ୍ୟିକ ଭାଗୀରଥି ବେହେରାଙ୍କୁ ‘ପରାଗ ସାହିତ୍ୟ ସମ୍ମାନ’ ପ୍ରଦାନ



**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ସଂପାଦକ, ଶିକ୍ଷା ପ୍ରଶାସକ ତଥା ସୁସାହିତ୍ୟିକ ଭାଗୀରଥି ବେହେରା ପରାଗ ସାହିତ୍ୟ ସଂସଦ, ଆଳି କେନ୍ଦ୍ରାପଡ଼ା ୪୩ତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ସଭା ଓ କବିତା ପାଠରେ ବିଶିଷ୍ଟ ସାହିତ୍ୟିକ ଗଣ ଯଥା ନିରାକାର ଦାସ, ସୌରିନ୍ଦ୍ରୀ ସାହୁ, ଶ୍ରୀହରି ଧଳ, ସୁଶାନ୍ତ ନାୟକ, ପ୍ରେମାନନ୍ଦ ଖଣ୍ଡୁଆଳ, ଖଗେଶ୍ୱର ମହତାବ, କାଳୀପଦ ପଣ୍ଡାଙ୍କ ଦ୍ୱାରା ‘ପରାଗ ସଫଳ ସାହିତ୍ୟିକ ସମ୍ମାନ’ରେ ସମ୍ମାନିତ ହୋଇଛନ୍ତି ।

ଅନୁଷ୍ଠାନର ସମ୍ପାଦକ ବନମାଳୀ ସେନାପତିଙ୍କ ଅନୁସାରେ ସ୍କୁଲ ପିଲାଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଦକ୍ଷତା ବୃଦ୍ଧି ନିମନ୍ତେ ଜାତୀୟ ସ୍ତରରେ ସମ୍ମାନୀତ ଶିକ୍ଷା ଅଧିକାରୀ ଭାଗୀରଥି ବେହେରା ୮ ଖଣ୍ଡ ଗଳ୍ପ ପୁସ୍ତକ, ୪ଖଣ୍ଡ କବିତା ସଂକଳନ ଓ ୪ଖଣ୍ଡ ଉପନ୍ୟାସର ସଫଳ ରଚୟିତା । ଗଞ୍ଜାମର କବିତାଘର ମାଧ୍ୟମରେ ଦୀର୍ଘ ଦଶନ୍ଧି ଧରି ସାହିତ୍ୟ ସଭା, ସମ୍ବର୍ଦ୍ଧନା ଉତ୍ସବ, ପୁସ୍ତକ ପ୍ରକାଶନ, ପତ୍ରିକା ‘ଭାଗୀରଥୀ କବିତାର ଗଙ୍ଗା’ ଓ ସଙ୍କଳିତ ସଂକଳନ ‘ଗଳ୍ପ ଗଞ୍ଜାମ’ ସମ୍ପାଦନା କରି ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଓ ଶିକ୍ଷାରେ ସାହିତ୍ୟ ଶିକ୍ଷାଦାନ କରୁଥିବାରୁ ଏହି ସମ୍ମାନ ତାଙ୍କୁ ଦିଆଗଲା ।

କେନ୍ଦ୍ରାପଡ଼ାର ‘ପଲକ’ ସମ୍ପାଦକ ଶଶିକାନ୍ତ ଦାସ, ‘ରାଜଭୂମି’ ସମ୍ପାଦକ ପବିତ୍ର ବ୍ରହ୍ମପୁତ୍ର ନାୟକ, କବି ଜୟନ୍ତୀ ବେହେରା, ଧର୍ମାନନ୍ଦ ମହାରଣା, ପୁଷ୍ପାଞ୍ଜଳି ପଣ୍ଡା ସହ ଅନେକ ଆଞ୍ଚଳିକ ସାହିତ୍ୟିକ ଶୁଭେଚ୍ଛା ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ଦଶମଶ୍ରେଣୀ ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ବୌଦ୍ଧ ବ୍ଲକ୍ ବଡିଗାଁ ନୋଡାଲ ଉଚ୍ଚ ବିଦ୍ୟାଳୟ, ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ତେଲିବନ୍ଧ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସଂଗ୍ରାମପୁର, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ମୁଣ୍ଡିପଦର, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟ ଠାରେ ଆଗକୁ ଥିବା ଦଶମ ଶ୍ରେଣୀ ପରୀକ୍ଷା କେନ୍ଦ୍ରର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି । ଶ୍ରୀ ପଣ୍ଡା ହେବାକୁ ଥିବା ପରୀକ୍ଷା ପାଇଁ ବିଦ୍ୟାଳୟ ଗୁଡିକର ସମସ୍ତ କୋଠରୀ, ସିସିଟିଭି ଏବଂ ସେଠାରେ ଥିବା ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପଚାରିଥିଲେ । ପରୀକ୍ଷାର୍ଥୀମାନଙ୍କ ପାଇଁ ଅଲଗା ଅଲଗା ପରିସ୍ରାଗାର, ପାନୀୟ ଜଳ, ଶ୍ରେଣୀ କକ୍ଷରେ ପଙ୍ଖା, ଆଲୁଅ, ଓଆରଏସ ପ୍ୟାକେଟ, ଔଷଧ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଉପଲବ୍ଧକୁ ନିଶ୍ଚିତ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ ଯାଗାରେ ଏ ସବୁ ପ୍ରସ୍ତୁତି ସରିନାହିଁ, ସେମାନେ ସେସବୁ ପ୍ରସ୍ତୁତ କରିବା ପରେ ଜିଓ ଟ୍ୟାଗ ଫଟୋ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଛାଡିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଯଥାଶୀଘ୍ର ତା’ର ଅନୁପାଳନ ପାଇଁ ଜିଲ୍ଲାପାଳ ସମସ୍ତ ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

# ବ୍ଲକ୍‌ସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚବିଦ୍ୟାଳୟ ଗଜବନ୍ଧ ଠାରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛ । ଡୁଙ୍ଗୁରିପାଲି ବ୍ଲକର ଅନ୍ଧାରିବାଞ୍ଜି, ଗଜବନ୍ଧ ଓ ତମାମୁରା କ୍ଲଷ୍ଟରର ୧୫୪ ଜଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେଥି ମଧ୍ୟରୁ ୮୮ ଜଣ ଛାତ୍ରଛାତ୍ରୀମାନଙ୍କୁ ପରବର୍ତ୍ତୀ ସମୟରେ ଚଷମା ପ୍ରଦାନ କରାଯିବ । ୪ ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରକୁ ଉତ୍ତମ ଚିକିତ୍ସା ପାଇଁ ଯିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ପ୍ରଧାନଶିକ୍ଷକ ପଞ୍ଚାନନ କମ୍ପ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ



କେନ୍ଦ୍ରର ଡାକ୍ତରଗଣ ଛାତ୍ରଛାତ୍ରୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ କୁମାର ସାହୁ, ସୀତାରାମ ପଧାନ, ଅନ୍ତର୍ନିବେଶୀ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ସାହୁ ଓ ଲୋଚନ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିକ୍ଷକ ହାରାଧନ ବେରିଆ ହାରାଧନ ରଣା, ଅନନ୍ତ ଜଗଦଲା, ସୂର୍ଯ୍ୟଭାନୁ ରାଉତ, ସୁରେନ୍ଦ୍ର ଅଦାବର, ଅଭିରାମ ପାରାଭୁଏ, ହୃଷୀକେଶ ବରିହା, ସଂଜୀବ କୁମାର ଦୀପ, ଦେବେନ୍ଦ୍ରନାଥ ଜୁଆଡି, ଜିତେନ୍ଦ୍ର କୁମାର ମହାରଣା, ଉକିଲ ଭୁଏ, ଗୋକୁଳାନନ୍ଦ ସାହୁ, ବସୁଦେବ ସୁନା , ରଘୁନାଥ ବାଗ, ବିଶ୍ୱଦେବ ବେରିଆ, ଦିବାକର ବଢ଼େଇ, କଳାକାହ୍ନୁ ରଣା, ଶଙ୍କର ପ୍ରସାଦ ଭୋଇ, ଯୁଧିଷ୍ଠିର ରଣା, ଶିକ୍ଷୟିତ୍ରୀ ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର, ସଂଯୁକ୍ତା ଭୋଇ, କର୍ମଚାରୀ ସୁବାସ ଭୋଇ ଓ କିରଟି ନାଏକ ସହଯୋଗ କରିଥିଲେ । ଶେଷରେ ସ୍ୱାସ୍ଥ୍ୟ ଆମ୍ବାସାଡର ପଦ୍ମାବତୀ ହାତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କଲେ ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ପରିଦର୍ଶନ କରିଛନ୍ତି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା । ବୌଦ୍ଧ ବ୍ଲକର ବାଉଁଶୁଣୀ, ସାହାଜପାଲ୍, ମୁଣ୍ଡିପଦର, ଡମ୍ବରୁଗଡ, ବଢିଗାଁ ଆଦି ଅଞ୍ଚଳ ପରିଦର୍ଶନ କରି ରାସ୍ତା, ପାର୍କ, ବନ ସୁରକ୍ଷା ସମିତି ଗୃହ ଓ ନିର୍ମାଣାଧୀନ ବିଭିନ୍ନ ପ୍ରକଳ୍ପ ଆଦି ବୁଲି ଦେଖିଥିଲେ । ପରିଦର୍ଶନ ସମୟରେ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେରଙ୍କ ସମେତ ବୌଦ୍ଧ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଉନ୍ନୟନ କାର୍ଯ୍ୟ ଠପ୍



**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ନିର୍ବାଚନ ମଣ୍ଡଳୀର ସମସ୍ତ ଉନ୍ନୟନ କାର୍ଯ୍ୟ ଠପ । ସରକାରଙ୍କ ଆଇନ କାନୁନ କେହି ମାନୁନାହାନ୍ତି । ଧର୍ମଶାଳା ଓ ରସୁଲପୁର ବିଡିଓ, ଜିଲ୍ଲା ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ । ବିଜେଡି କାର୍ଯ୍ୟାଳୟ ଠାରେ ସାମ୍ବାଦିକ ସମ୍ମିଳନୀରେ କ୍ଷୋଭ ପ୍ରକାଶ କରିଛନ୍ତି ଧର୍ମଶାଳା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ । ଗତବର୍ଷ ଅଗଷ୍ଟ ମାସରେ ପଞ୍ଚାୟତ ସମିତି ସଭ୍ୟମାନଙ୍କୁ ଖରାପ ବ୍ୟବହାର ହୋଇଥିଲା । ସମସ୍ତ ସଭ୍ୟ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ନାହିଁ । ୧ବର୍ଷ ମଧ୍ୟରେ ଧର୍ମଶାଳା ଓ ରସୁଲପୁର ପଞ୍ଚାୟତ ସମିତି ବୈଠକ ବସିଲା ନାହିଁ । ରସୁଲପୁର ବିଡିଓ ପଞ୍ଚାୟତ ସମିତି ଅଧକ୍ଷଙ୍କ ବିନାଦସ୍ତଖତରେ ୧୫ଲକ୍ଷ ଟଙ୍କା ବିଲ୍ ପାସ୍ କରି ନେଇଛନ୍ତି । ଅଭିଯୋଗପରେ ଫଳ ଶୂନ । ଧର୍ମଶାଳା ବ୍ଲକର ବିନା ପଞ୍ଚାୟତ ସମିତି ଅଗୋଚରରେ ବିଡିଓ ସମସ୍ତ କାମ କରୁଛନ୍ତି । ଜାରକା ଷ୍ଟାଡ଼ିଅମ ଚାବି ପଡ଼ିରହିବାରୁ ଖେଳାଳି ଓ ଜନସଧାରଣ ସେବା ପାଇବାରୁ ବଞ୍ଚିତ । ଧର୍ମଶାଳାରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ଚୋରି ଡକାୟତି, ମନ୍ଦିର ଚୋରି, ମିଥ୍ୟା କେସ୍ ବଢ଼ିଗଲାଣି, ଜନସାଧାରଣ ଭୟଭୀତ । ବିଜେଡି ସମୟରେ ଆରମ୍ଭ ହୋଇଥିବା ସମସ୍ତ ରାସ୍ତାକାମ ବନ୍ଦ ରହିଛି । ଗ୍ରାମ ଉନ୍ନୟନ ବିଭାଗର କାମ ସମ୍ପୂର୍ଣ୍ଣ ବନ୍ଦ ହେଲାଣି । ଖଣି, ଖାଦାନ, ବାଲି ଦିନ ଦ୍ୱିପ୍ରହରରେ ଲୁଟ୍ ହେଉଛି । ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ନିରବ ରହୁଛି । ନିର୍ବାଚନ ମଣ୍ଡଳୀ ସାରା ଆତଙ୍କ ରାଜ ଚାଲିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଛାତ୍ରବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତଥିଲେ ।

# ଯୁଗପୁରୁଷ ବଟକୃଷ୍ଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା

**ମୂଷାଟିକିରି, ନ୍ୟୁଜ୍‌ବ୍ୟୁରୋ**

ବିଶିଷ୍ଟ ସମାଜ ସେବୀ ତଥା ଭାରତ ସରକାରଙ୍କ ଖାଦ୍ୟ ନିଗମ ସଂସ୍ଥାର ଅବସର ପ୍ରାପ୍ତ କର୍ମଚାରୀ ବଟକୃଷ୍ଣ ଦାସଙ୍କ ଏକଦଶାହ ଦିବସରେ ନିଜଘର ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ମେଦୂଆକୁଳ ଗ୍ରାମଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ପଣ୍ଡିତ କୃପାସିନ୍ଧୁ ଶିକ୍ଷାନିକେତନ ରାଉତସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିଗଣ ଶତାୟୁ ପୁରୁଷ ବଟକୃଷ୍ଣ ଦାସଙ୍କ କର୍ମମୟ ଜୀବନ ଧାରା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ବରୀ-ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ଡାଃ ନୃସିହ ଚରଣ ବେହେରା, ସମ୍ମାନିତ ଅତିଥି ବରୀ ନିର୍ବାଚନ ମଣ୍ଡଳୀର ବିଜେପି ନେତା ଉମେଶ ଜେନା, ଯୁବ ସଂଗଠକ ସଞ୍ଜିବ



କୁମାର ଜେନା ଅବସର ପ୍ରାପ୍ତ ଶିକ୍ଷକ ନୃସିଂହ ଚରଣ ଦାସ, ଅଭିରାମ ମଲ୍ଲ, ସଚ୍ଚିକାନ୍ତ ମିଶ୍ର, ମକରଧ୍ୱଜ ସାହୁ, କୃଷକ ନେତା ନରହରି ଦାସ, ମାଧବନନ୍ଦ ଶାନ୍ତି, ବଲ୍ଲଭ ଜେନା, ସାମ୍ବାଦିକ ରବୀନ୍ଦ୍ର ନାଥ ମହାପାତ୍ର ପ୍ରମୁଖ ଯୁଗପୁରୁଷଙ୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ପୁତ୍ର ପ୍ରମୋଦ କୁମାର ଦାସ ପୂର୍ବତନ ସମିତି ସଭ୍ୟ ମନ୍ଦାରୀ ଗ୍ରା.ପ ପିତାଙ୍କ ଆଦର୍ଶରେ ଅନୁପ୍ରାଣିତ ରହି ସାଧାରଣ ଜନତାଙ୍କ ନିକଟରେ ସମର୍ପିତ ସେବା ଅବ୍ୟହିତ ରଖିଥିବା ବହୁ ବକ୍ତା ମତାମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଦିଲୀପ ଦାସ, ବୈଷ୍ଣବ ଦାସ, ହରିଶ ଦଲାଇ, ଦେବେନ୍ଦ୍ର ଦାସ, ଶୁଭଦର୍ଶିନୀ ଦାସ, ଲାଳବିହାରି ଦାସ, ବ୍ରଜବିହାରୀ ମାନସିଂ ମହାପାତ୍ର, ରବୀନ୍ଦ୍ର ମହାନ୍ତି, ସୁରେଶ ଚନ୍ଦ୍ର ଦାସ, ଅଶୋକ ସାମଲ, ନିର୍ମଳ ଚନ୍ଦ୍ର ଦାସ, ଯୋଗପ୍ରଥା ଦାସ (ନାତୁଣୀ) ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରି ବକ୍ତବ୍ୟ ରଖିଥିଲେ । ଅବସର ପ୍ରାପ୍ତ ସେନା କର୍ମଚାରୀ କବୀର ଦାସ କୃତଜ୍ଞତା ପ୍ରଦାନ କରିଥିଲେ ।

# ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ଶିଶୁବାଟିକା ବିଭାଗର ପରିବାର ପ୍ରଶିକ୍ଷଣ

**କେନ୍ଦୁଝର, ନ୍ୟୁଜ୍**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜେଲ୍‌ରୋଡ୍, କେନ୍ଦୁଝରଗଡ଼ ଠାରେ ଶିଶୁବାଟିକା ବିଭାଗର ‘ଘର ହିଁ ବିଦ୍ୟାଳୟ’ ପରିବାର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଇଥିବା ଶିଶୁଙ୍କର ପିତାମାତା ମାନେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରଚାରକ ତପନ କୁମାର ନାୟକ ଯୋଗ ଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାଧାପିକା ତଦାଶା ତଟିନୀ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଶିଶୁ ଶିକ୍ଷାର ଭାରତୀୟ ଏବଂ ପାଶ୍ଚାତ୍ୟ ସଂକଳନ ଓ ଏହାର ବର୍ତ୍ତମାନ ସ୍ଥିତି ତଥା ଶିଶୁର ଶାରୀରିକ ଓ ମାନସିକ ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ ।



ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ । ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ଓ କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ ଓ ସଦସ୍ୟା ରଞ୍ଜିତା ପ୍ରଧାନ ଉପସ୍ଥିତ ଥିଲେ । କୁନିକୁନି ପିଲାମାନଙ୍କ ଦ୍ୱାରା ସାମୂହିକ କଣ୍ଠ ସଂଗୀତ ତଥା ପାରମ୍ପରିକ ନୃତ୍ୟ ପରିବେଶଷଣ କରାଯାଇଥିଲା । ଉକ୍ତ ପ୍ରଶିକ୍ଷଣ ଶିଶୁବାଟିକା ପ୍ରମୁଖ ବିଜୟିନୀ ଦେବୀ, ମନସ୍ୱିନୀ ଦାଶ, ପ୍ରଦୀପ ଦାସ, ବିରଞ୍ଚି ନାରାୟଣ ମହାନ୍ତ, ଜ୍ୟୋତିରାଣି ପଣ୍ଡା, ପୁଷ୍ପାଞ୍ଜଳି ସାହୁ, ଆରତି ସାହୁ, ସୁଜାତାରାଣୀ ମିଶ୍ର ଓ ମୌସୁମୀ ରାଉତରାୟ ଆଦି ଗୁରୁଜୀଗୁରୁମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଓ ଉକ୍ତ ପ୍ରଶିକ୍ଷଣରେ ୧୧୭ଜଣ ପିତାମାତା ଉପସ୍ଥିତ ଥିଲେ ।

# ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦର ବାର୍ଷିକୋତ୍ସବ

**କଣାସ (ପୁରୀ), ନ୍ୟୁଜ୍‌ବ୍ୟୁରୋ**

ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ ଓ ସୁଦେଷ୍ଣା ଖବରକାଗଜ ମିଳିତ ଆନୁକୂଲ୍ୟରେ ତୃତୀୟ ବାର୍ଷିକ ଉତ୍ସବ କଣ୍ଟାପଡ଼ା ବ୍ଲକ୍ ଅଧିନସ୍ଥ ରାମକୃଷ୍ଣ ନନ୍ଦ ସ୍ମୃତି ପରିଷଦ, ବାଇରୋଇ, ଫୁଲନଖରା, କଟକ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ସଭାପତି କୁମାର କବି ପ୍ରଶାନ୍ତ ବାହିନୀପତିଙ୍କ ଅନୁପସ୍ଥିତିରେ ନାଟ୍ୟକାର, ଗୀତିକାର, ନାଟ୍ୟ ନିର୍ଦ୍ଦେଶକ, କବି ଅଜୟ କୁମାର ସେଠୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ମହାକାଶ ବିଜ୍ଞାନୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ବକ୍ତା ଭାବରେ ଜବାହର ଲାଲ ନେହୁରୁ ବିଶ୍ୱବିଦ୍ୟାଳୟ (ନୂଆଦିଲ୍ଲୀ) ପ୍ରଫେସର ଡକ୍ଟର ଉଦୟନାଥ ସାହୁ, ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ପୁରୁଷୋତ୍ତମ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଡ. ସାରଦା ପ୍ରସାଦ କର, ସଂସଦର ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମଣ ସାହୁ, ଉପଦେଷ୍ଟା ସଂଗ୍ରାମ କେଶରୀ ରାଉତରାୟ ଯୋଗଦାନ କରିଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧୫୦ ଜଣ କବି କବୟିତ୍ରୀ ଯୋଗଦାନ କରିଥିଲେ । ଅଜୟ କୁମାର ସେଠୀଙ୍କ ଶିଶୁ ନାଟକ ‘ଶେଷ ଇଚ୍ଛା’ ଓ ଦୈନିକ ଖବରକାଗଜ ‘ସୁଦେଷ୍ଣା’ ଉନ୍ମୋଚନ କରାଯାଇଥିଲା । ଡ. ବସନ୍ତ ମଞ୍ଜରୀ ଦାସ ମଞ୍ଚ ପରିଚାଳନା ଓ ସଂସଦର ମୁଖ୍ୟ ସଂପାଦକ କାବ୍ୟଭୂଷଣ ଶିବ ପ୍ରସାଦ ବାହିନୀପତି ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ସୁଶ୍ରୀ କଳ୍ପନା ପଣ୍ଡା ସଂସଦର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପ୍ରତିନିଧି ମାନସ କୁମାର ମାର୍ଥାଙ୍କ ସମେତ ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ । ଏଥିରେ ୭ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ କାର୍ଯ୍ୟକାରିଣୀ ସମ୍ପାଦିକା ସୁଶ୍ରୀ କଳ୍ପନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



# କୋରେଇରେ ଜନ ଅଭିଯୋଗ ଶୁଣାଣି : ୪୦ ମାମଲାର ତତ୍କାଳ ସମାଧାନ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୭୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୪୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର, ସପନ କୁମାର ନନ୍ଦ, ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଲମ୍ବୋଦର ଖୁଣ୍ଟିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋରେଇ, ଅବନିକାନ୍ତ ସାହୁ, ତହସିଲଦାର, ବ୍ୟାସନଗର, ଦେବାଶିଷ ରାଉତ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୧ ଫେବୃୟାରୀ ୨୦୨୫ ଶୁକ୍ରବାର





# ୬୩୦ କେଜି ଗଞ୍ଜେଇ ସହ ବୋଲେରୋ ଜବତ:ଚାଳକ ଗିରଫ



**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ଗୁଣୁପୁର ଥାନା ଅନ୍ତର୍ଗତ ଖର୍ଲାଂ ଗ୍ରାମ ନିକଟ ମୁଖ୍ୟ ରାସ୍ତା ଉପରେ ୬୩୦ କେଜି ଗଞ୍ଜେଇ ସହ ବୋଲେରୋ ପିକ୍‌ଅପ୍ ଗାଡିକୁ ଜବତ କରିଛି ଗୁଣୁପୁର ପୋଲିସ୍ । ଚାଳକକୁ ଗିରଫ କରିଛି ଗୁଣୁପୁର ପୋଲିସ୍ । ଅନ୍ୟଦୁଇ ଅଭିଯୁକ୍ତ ଫେରାର୍ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବା ସୂଚନା ମିଳିଛି । ଅଡବା ଥାନା ଅନ୍ତର୍ଗତ ବିରିକୋଟରୁ ଗଞ୍ଜେଇ ବେଆଇନ୍ ଭାବେ ଚୋରା ଚାଲାଣ ହୋଇ ଗଜପତି ଅଭିମୁଖେ ଯାଉଥିଲା । ଏହି ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେବା ନେଇ ଯୋଜନା ରହିଥିଲା । ଗିରଫ ଅଭିଯୁକ୍ତ ହେଲେ ବିରିକୋଟ ଗ୍ରାମର ଜୟନ୍ତ ବେହେରା । ଏହି ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ପୋଲିସ ତଦନ୍ତ ଜାରିରଖିବା ସହ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯାଇଛି । ଏହି ଗଞ୍ଜେଇ ଚୋରା ଚାଲାଣ ପଛରେ କିଙ୍ଗ ପିନ୍ କିଏ ଏଥିରେ କେଉଁମାନଙ୍କ ହାତ ରହିଛି ସମସ୍ତ ବିଷୟକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ଗୁଣୁପୁର ଥାନା ସବ୍ ଇନ୍‌ସପେକ୍ଟର ରଞ୍ଜିତ ତ୍ରିପାଠୀ । ଏହି ଗଞ୍ଜେଇ ଚୋରା ଚାଲାଣ ତଦନ୍ତ ଅଧିକାରୀ ରହିଥିବା ନେଇ ସୂଚନା ଦେଇଛନ୍ତି ଗୁଣୁପୁର ଥାନା ଅଧିକାରୀ ଉତ୍ତମ କୁମାର ସାହୁ ।



# କର୍ପୋରେଟ୍ ଗଭର୍ଣ୍ଣାନ୍ସ ପାଇଁ ଟିପିସିଓଡିଏଲ୍ ପୁରସ୍କୃତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦିଲ୍ଲୀରେ ଆୟୋଜିତ କର୍ପୋରେଟ୍ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜାତୀୟ ସ୍ତରରେ ଟିପିସିଓଡିଏଲ୍ ପୁରସ୍କୃତ । ୧୦୦ ତମ ସ୍କଚ୍ ସମିଟ୍ ୨୦୨୪ରେ ବୋର୍ଡ କମ୍ପୋଜିସନ୍ ଆଣ୍ଡ ଡିସ୍‌କ୍ଲୋଜର ସମ୍ବନ୍ଧୀୟ କର୍ପୋରେଟ୍ ଗଭର୍ଣ୍ଣାନ୍ସ ପ୍ରକଳ୍ପ ପାଇଁ ରୌପ୍ୟ ପୁରସ୍କାର ପ୍ରାପ୍ତ କରିଛି। ଟିପିସିଓଡିଏଲ୍ ପାରଦର୍ଶିତା, ଦାୟିତ୍ୱବୋଧତା ଏବଂ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ରକ୍ଷା କରି ଯୋଜନାବଦ୍ଧ କାର୍ଯ୍ୟ ପ୍ରଣାଳୀ, ନୀତି ନିର୍ଦ୍ଧାରଣ, ବିପଦ ପରିଚାଳନା, ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଏବଂ ବୈଧାନିକ ଅନୁସାରିତା ଉପରେ ଗୁରୁତ୍ୱ ଦେଇଥାଏ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ସଠିକ୍ ଉପଯୋଗ କରି ଲୋକଙ୍କୁ ନିରନ୍ତର ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିବଦ୍ଧ ଟିପିସିଓଡିଏଲ୍ କର୍ପୋରେଟ ଗଭର୍ଣ୍ଣାନ୍ସ କ୍ଷେତ୍ରରେ ପ୍ରଶଂସନୀୟ କାର୍ଯ୍ୟ କରି ଗୌରବ ହାସଲ କରିଛି ।

# 'ବସ୍‌ରେ ପ୍ରଥମେ ଚଢ଼ିବାକୁ ମହିଳାଙ୍କୁ ମନା କରାଯାଇପାରିବନି'

**କଟକ, ନ୍ୟୁଜ୍ ବ୍ୟୁରୋ**

ମଣିଷ ସମାଜ ଯେତେ ଶିକ୍ଷିତ ହେଲେ ବି ଅନ୍ଧବିଶ୍ୱାସ କବଳିତ କରି ରଖିଛି ପରମ୍ପରାର ଦ୍ୱାହି ଦେଇ । ଅନ୍ଧବିଶ୍ୱାସ ସମତାଳରେ ଚାଲିଛି । ମହିଳା ଚନ୍ଦ୍ରପୃଷ୍ଠରେ ପାଦ ଦେଇଥିଲେ ବି ପରିବହନ କ୍ଷେତ୍ରରେ ମହିଳାଙ୍କୁ ବସ୍‌ରେ ପ୍ରଥମ ଯାତ୍ରୀ ଭାବେ ଚଢ଼ିବାକୁ ବାରଣ କରାଯାଉଛି । ଏ ନେଇ ଲୋକ ସଚେତନ ହୋଇପାରୁନାହାନ୍ତି, ନା ବସ୍ ଚାଳକଙ୍କ ନିର୍ଦ୍ଦେଶ ରହୁଛି ଏହାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ହେଉଛି । ମହିଳାଙ୍କ ପ୍ରତି ଏଭଳି ବାଛବିଚାର କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏଭଳି କୁସଂସ୍କାର ଓ ଅନ୍ଧବିଶ୍ୱାସ ବିରୋଧରେ ପଦକ୍ଷେପ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ମଙ୍ଗଳବାର କଟକ ନେତାଜୀ ବସ୍ ଟର୍ମିନାଲ୍ (ସିଏନ୍‌ବିଟି)ରେ ଯାଞ୍ଚ କରାଯିବା ସହ ବସ୍ ମାଲିକ ଓ କର୍ମଚାରୀଙ୍କୁ ସଚେତନ କରାଯାଇଛି । ଆଗକୁ ରାଜ୍ୟର ସମସ୍ତ ବସ୍ ଷ୍ଟାଣ୍ଡରେ ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଏସ୍‌ଟିଏ ନିଷ୍ପତ୍ତି ନେଇଛି । ଯାତ୍ରୀଙ୍କ ମଧ୍ୟରେ ବସ୍ କର୍ମଚାରୀ ପାତରଅନ୍ତର କରିପାରିବେନାହିଁ । ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବନି । ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ ବାରଣ ଭଳି କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଦୃଢ଼ ପଦକ୍ଷେପ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମଙ୍ଗଳବାର ସକାଳୁ ଏସ୍‌ଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ପରିବହନ ଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀ ପ୍ରମୁଖଙ୍କ ସ୍ୱତନ୍ତ୍ର ଟିମ୍ କଟକ ବସ୍ ଟର୍ମିନାଲ୍‌ରେ ପହଞ୍ଚିଥିଲେ । ସେମାନେ ଯାତ୍ରୀଙ୍କୁ ନେବାକୁ ପ୍ରସ୍ତୁତ ବିଭିନ୍ନ ରୁଟ୍‌ରେ ଯିବାକୁ ଥିବା ଏକାଧିକ ବସ୍ ଉପରେ ନଜର ରଖିଥିଲେ । ପ୍ରଥମେ ଆସୁଥିବା ମହିଳା ଯାତ୍ରୀଙ୍କ ପ୍ରତି ବସ୍ କର୍ମଚାରୀଙ୍କ କିଭଳି ବ୍ୟବହାର ରହୁଛି ତାହା ଅନୁଧ୍ୟାନ କରିଥିଲେ। ଏଥିସହ ଟର୍ମିନାଲ୍‌ରେ ଥିବା ଅନେକ ମହିଳା ଯାତ୍ରୀଙ୍କ ଠାରୁ ବସ୍ ମାଲିକ ଓ କର୍ମଚାରୀଙ୍କ ବ୍ୟବହାର ସମ୍ପର୍କରେ ବୁଝିଥିଲେ । ଏ ନେଇ ଏସ୍‌ଟିଏ ସଚିବ କହିଛନ୍ତି ଯେ, ମୋଟର ଯାନ ଆଇନ୍ ଅନୁଯାୟୀ, ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କରାଯିବା ଦଣ୍ଡନୀୟ ଅପରାଧ । ଏଭଳି ଆଚରଣ କଲେ ପରିବହନ ନିୟମାବଳୀରେ ଜରିମାନା ସହ ପରମିଟ୍ ରଦ୍ଦ ଭଳି ଦଣ୍ଡବିଧାନର ପ୍ରାବଧାନ ରହିଛି ।

# ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ପରଲୋକ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଫୁଲବାଣୀର ପୂର୍ବତନ ସାଂସଦ ମୃତ୍ୟୁଞ୍ଜୟ ନାୟକଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା । ସେ ଗତ କିଛି ଦିନ ଧରି ଅସୁସ୍ଥ ହୋଇ ବ୍ରହ୍ମପୁର ଠାରେ ଚିକିତ୍ସିତ ହେଉଥିଲେ । ପରେ ଅବସ୍ଥା ଗୁରୁତର ହେବାରୁ ଦୁଇ ଦିନ ତଳେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ସ୍ୱର୍ଗତ ନାୟକ କଂଗ୍ରେସ ଦଳର ବରିଷ୍ଠ ନେତା ଥିଲେ । ସେ ୧୯୮୦, ୧୯୯୧ ଓ ୧୯୯୬ରେ କଂଗ୍ରେସ ଦଳ ଟିକଟରେ ଫୁଲବାଣୀ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ଏଥିସହ ସେ ଜାତୀୟ ଅନୁସୂଚିତ ଜାତି କମିଶନ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ । ୧୯୫୨ ମସିହା ଜୁଲାଇ ୨ ତାରିଖରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ନାୟକ ମୂଳରୁ ଛାତ୍ର ରାଜନୀତି ସହିତ ସମ୍ପୃକ୍ତ ଥିଲେ । ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଉଚ୍ଚ ଶିକ୍ଷା ହାସଲ କରିବା ପରେ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ । କନ୍ଧମାଳ ଜିଲ୍ଲାର ଜଣେ ଟାଣୁଆ ନେତା ହିସାବରେ ତାଙ୍କର ଖ୍ୟାତି ରହିଥିଲା । ତାଙ୍କର ବିୟୋଗ ଜିଲ୍ଲା କଂଗ୍ରେସରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି କହିଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡା । ମୃତ୍ୟୁଞ୍ଜୟଙ୍କ ପରଲୋକରେ କନ୍ଧମାଳ ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ବୁଧବାର ଦିନ ଫୁଲବାଣୀରେ ତାଙ୍କ ଅନ୍ତିମ ସଂସ୍କାର ଅନୁଷ୍ଠିତ ହୋଇଥିଲା ।

# ଯାଜପୁରରେ ଯୁଗ୍ମ କୃଷି ନିର୍ଦ୍ଦେଶକଙ୍କ କ୍ଷେତ୍ର ପରିଦର୍ଶନ ଓ ସମୀକ୍ଷା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**




କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା ସରକାର- ପ୍ରେମଚନ୍ଦ୍ର ଚୌଧୁରୀ, ଯୁଗ୍ମ କୃଷି ନିର୍ଦ୍ଦେଶକ (ତୈଳ ଓ ତୈଳବୀଜ ଜାତୀୟ ଫସଲ) ବିଷ୍ଣୁପ୍ରସାଦ ପଟ୍ଟନାୟକ, ଯୁଗ୍ମ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ (ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନ) ଙ୍କ ସହିତ କୃଷି ନିର୍ଦ୍ଦେଶାଳୟର ଅନ୍ୟ ସମସ୍ତ ଅଧିକାରୀ ବୃନ୍ଦ ଯାଜପୁର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପ୍ରଦର୍ଶନ ସହ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଯାଜପୁର ଗସ୍ତରେ ଆସି ଯାଜପୁର ବ୍ଲକର ବିଚିତ୍ରପୁର ଗ୍ରାମପଞ୍ଚାୟତରେ ୨୬ ପାନବରଜ, କୃଷକ ରେଜିଷ୍ଟ୍ରି କ୍ୟାମ୍ପ ପରିଦର୍ଶନ କରି ଉପସ୍ଥିତ ଚାଷୀ ମାନଙ୍କ ସହ ଯୋଜନା ରୂପାୟନ ବିଷୟରେ ଆଲୋଚନା କରିଥିଲେ । ତା'ପରେ ଜାହାନପୁର ଗ୍ରାମ ପଞ୍ଚାୟତରେ ଧାନ ପରବର୍ତ୍ତୀ ପଡିଆ ଜମି ପରିଚାଳନା ଆନୁକୂଲ୍ୟରେ ହୋଇଥିବା ମୁଗ କ୍ଷେତ୍ର ପ୍ରଦର୍ଶନୀ ପରିଦର୍ଶନ କରି ଚାଷୀମାନଙ୍କ ସହ ଯୋଜନା, ଖାଦ୍ୟସାର ପରିଚାଳନା, ସମନ୍ୱିତ ରୋଗ ସେବା ପରିଚାଳନା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ ଏବଂ ତାଙ୍କ ଉପସ୍ଥିତିରେ ଡ୍ରୋନ୍ ମାଧ୍ୟମରେ ନାନୋ ଡି.ଏ.ପି ସାର ସିଞ୍ଚନ ପ୍ରଣାଳୀ ପ୍ରଦର୍ଶନ କରାଯାଇଥିଲା । ତତ୍ ସହିତ କବାଟପୁର ଗ୍ରାମରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଅନ୍ତର୍ଭୁକ୍ତ କୃଷି ସେବା କେନ୍ଦ୍ର ପରିଦର୍ଶନ କରିବା ସହ ଶଙ୍କର ବିହନ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବା ପରେ ଜିଲ୍ଲାପାଳ, ଯାଜପୁରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ, ଯାଜପୁର, ପି ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା, ଅନ୍ୟ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ଯାଜପୁର ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନା କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ ଏବଂ କିପରି ଜିଲ୍ଲାର ଆହୁରି ଅଧିକ କୃଷି ତଥା ଆନୁଷଙ୍ଗିକ କ୍ଷେତ୍ରରେ ଉନ୍ନତି ହୋଇପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ ଉପଦେଶ ଦେଇଥିଲେ । ଏହାପରେ କୃଷି ନିର୍ଦ୍ଦେଶକ ପଣିକୋଇଲି ସ୍ଥିତ ଛତୁ ବିହନ ଉତ୍ପାଦନ କେନ୍ଦ୍ର, ଜୈବ ଉର୍ବରକ ଉତ୍ପାଦନ ଉଦ୍ୟୋଗ ପରିଦର୍ଶନ କରିଥିଲେ । ଜିଲ୍ଲାରେ ଯେପରି ସାର ଓ ଔଷଧ ବିକ୍ରୟ ହେଉଛି ସେଥି ନିମନ୍ତେ ରାସାୟନିକ ସାର ଓ ଔଷଧ ଗୋଦାମ ଗୃହ ପରିଦର୍ଶନ କରିଥିଲେ । ଶେଷରେ ବଡ଼ଚଣା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି କୃଷି ବିଜ୍ଞାନ କେନ୍ଦ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗବେଷଣାତ୍ମକ କାର୍ଯ୍ୟପ୍ରଣାଳୀ ଅନୁଧ୍ୟାନ କରିଥିଲେ ।

# ବର୍ଷା ପୂର୍ବରୁ ସମସ୍ତ ମଣ୍ଡିରୁ ଧାନ ଉଠାଇବା ପାଇଁ ମିଲରଙ୍କୁ ତାଗିଦା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାରେ ୧୧୮ ଗୋଟି ମଣ୍ଡିରେ ଧାନକ୍ରୟ ଚାଲିଥିବା ବେଳେ ଅଧିକାଂଶ ମଣ୍ଡିରେ ଚାଷୀମାନଙ୍କ ଠାରୁ କିଣା ଯାଇଥିବା ଧାନ ପଡିରହିଛି । ଅସନ୍ତା ୨/୩ ଦିନ ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମିଲର ମାନଙ୍କ ସହିତ ଆଲୋଚନା କରିଛନ୍ତି । ମଣ୍ଡିରୁ ଧାନ ଉଠାଇବା ପାଇଁ ୨୬ ଗୋଟି ମିଲର ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । କେତେକ ବ୍ଲକରେ ଧାନ ଲୋଡ୍ କରିବା ପାଇଁ ଶ୍ରମିକ ମିଳୁନଥିବା ମିଲରମାନେ ଅଭିଯୋଗ କରିଥିବା ବେଳେ ବସ୍ତା ପିଛା ସେମାନେ ପାଉଥିବା ପଇସା ଠାରୁ ୨ ଗୁଣ ଅଧିକ ପଇସା ଶ୍ରମିକମାନେ ଦାବି କରୁଛନ୍ତି । ତେବେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ପଡି ରହିଥିବା ଧାନ ଗୁଡିକୁ ତୁରନ୍ତ ଉଠାଇବା ପାଇଁ ଜିଲ୍ଲାପାଳ ଶ୍ରୀ ପ୍ରଧାନ ମିଲରଙ୍କୁ ଚେତାବନୀ ଦେଇଥିବା ଜଣାପଡିଛି । ଏଥିସହିତ ଧାନ ପରିବହନକୁ ତଦାରଖ କରୁଥିବା ନୋଡାଲ୍ ଅଫିସର, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଅତିରିକ୍ତ ଯୋଗାଣ ଅଧିକାରୀ, ୯ଟି ବ୍ଲକର ତହସିଲଦାର, ବିଡିଓ ପ୍ରମୁଖଙ୍କୁ ବର୍ଷା ହେବା ପୂର୍ବରୁ ଧାନ ଯେପରି ଉଠିବ ସେ ବିଷୟରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ଅଧିବାସ ପାଇଁ କଳସ ଶୋଭାଯାତ୍ରା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାଗପାଲି ଗ୍ରାମରେ ଅନୁଷ୍ଠିତ ହେବାକୁ ଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଅଧିବାସ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦିନ ୧୦ ଘଣ୍ଟା ସମୟରେ ଗ୍ରାମବାସୀ ଗ୍ରାମ ନିକଟସ୍ଥ ନାଳ ନିକଟକୁ ଯାଇ ଗଙ୍ଗା ଦେବୀଙ୍କୁ ପୂଜାର୍ଚ୍ଚନା କରିବା ପରେ ମହିଳା ମାନେ ମାଟି କଳସରେ ଜଳ ଭର୍ତ୍ତି କରି ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପ ପର୍ଯ୍ୟନ୍ତ ଆଣି ସ୍ଥାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପୂଜକ ଭାବରେ ବିଭୀଷଣ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ବିଦ୍ୟାଧର ମହାକୁଡ ଓ ଅପୂର୍ଣ୍ଣା ମହାକୁଡ ଏବଂ ମଙ୍ଗୁଲୁ ମହାକୁଡ ଓ ହେମକାନ୍ତୀ ମହାକୁଡ କର୍ତ୍ତା ଭୂମିକା ନିର୍ବାହ କରିଥିଲେ ।

# ଛାତ୍ରୀ କଲ୍ୟାଣ ସମିତି ପୁରସ୍କାର ବିତରଣ ସମାରୋହ

**ପୁରୀ, ନ୍ୟୁଜ୍ ବ୍ୟୁରୋ**



ଛାତ୍ରୀ କଲ୍ୟାଣ ସମିତି ଆୟୋଜନରେ ମାର୍କଣ୍ଡେଶ୍ୱର ସାହି ଛାତ୍ରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରାସଙ୍ଗିକ ଆଲୋଚନା ଏବଂ ବିଭିନ୍ନ ଶ୍ରେଷ୍ଠ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ଡ. ସବ୍ୟସାଚୀ ପଟ୍ଟନାୟକ ଆଇଜିଏଚ୍ ହସ୍ପିଟାଲ୍ ରାଉରକେଲା ମୁଖ୍ୟଅତିଥି ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟିର ଲାବଣ୍ୟ ନିତ୍ୟାନନ୍ଦ ଭୂୟାଁ ଟ୍ରଷ୍ଟର ସଂସ୍ଥାପକ ଇମିରେଟସ୍ ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ ମୁଖ୍ୟବକ୍ତା, ସମ୍ବାଦ ପ୍ରତିନିଧି ଶ୍ୟାମକାହ୍ନା ପଟ୍ଟନାୟକ, ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ସମ୍ମାନୀୟ ଅତିଥି ଭାବେ ଓ ସମିତିର ସଭାପତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବରିଷ୍ଠ ଶିକ୍ଷକ ରଘୁନାଥ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସ୍କୁଲର ସମସ୍ତ ଛାତ୍ରୀ, ଶିକ୍ଷୟିତ୍ରୀ, ସହରର ଏକାଧିକ ମାନ୍ୟଗଣ୍ୟ, ବଦାନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ । ଛାତ୍ରୀ କଲ୍ୟାଣ ସମିତିର ଉପସଭାପତି ରେଣୁକା ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ସମ୍ପାଦକୀୟ ପାଠ କରିଥିଲେ । ସମିତିର ସଂଯୋଜକ ଅବନୀଶ ରଥ ସମିତିର ଆଭିମୁଖ୍ୟ ସହ କଲ୍ୟାଣ ପାଣ୍ଠିକୁ ବୃଦ୍ଧି କରିବା ନିମିତ୍ତ ବଦାନ୍ୟ ବ୍ୟକ୍ତିମାନଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟବକ୍ତା ପ୍ରଫେସର ଭୂୟାଁ କହିଲେ ସ୍ୱାସ୍ଥ୍ୟ ଶିକ୍ଷା ପ୍ରସଙ୍ଗରେ ଇଣ୍ଡିଆନ୍ ପ୍ରୋକ୍ଟୋଲୋଜି ସୋସାଇଟି, ପୁରୀ ତଥା ଓଡ଼ିଶାରେ ସ୍କୁଲ୍ ମାନଙ୍କର ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ ତଥା ପୁରସ୍କୃତ କରିବା ପାଇଁ ଆର୍ଥିକ ସହଯୋଗ ସହିତ ସ୍ୱାସ୍ଥ୍ୟ ଶିକ୍ଷା ଲିଖିତ ପୁସ୍ତକମାନ ବିତରଣ କରିଆସୁଛି । ପିଲାଙ୍କର ଶିକ୍ଷାରେ ଉତ୍ସାହ ତଥା ପ୍ରତିଦ୍ୱନ୍ଦ୍ୱିତାମୂଳକ ଏବଂ ଉତ୍କର୍ଷ ଜ୍ଞାନ ଆହରଣ ପାଇଁ ନିରନ୍ତର ଆଗ୍ରହ ଏବଂ ଜୀବନରେ ସଂଘର୍ଷ କରି ସଫଳତା କେବେ ସ୍କୁଲ୍ ଜୀବନରୁ ମିଳିନଥାଏ । ଜୀବନର ଆୟୁ ସମ୍ପର୍କରେ ସୁଖାୟୁ, ଦୁଃଖାୟୁ, ହିତାୟୁ ଓ ଅହିତାୟୁ ଦେଇ ଗତି କରନ୍ତି । ସୁଖାୟୁ କେବଳ ନିଜ ପାଇଁ ଓ ହିତାୟୁ ପର ପାଇଁ ହୋଇଥାଏ । ଯାହା ପିଲାମାନେ ସ୍କୁଲ୍, ପରିବାର, ସଂସ୍କାରରୁ ଶିଖନ୍ତି । ସମାଜରେ ପ୍ରତିଷ୍ଠା ପାଆନ୍ତି । ମୁଖ୍ୟ ଅତିଥି ଡ. ପଟ୍ଟନାୟକ କିପରି ଭଲ ପଢ଼ିବେ ଉଦ୍‌ବୋଧନ ଦେଇଥିଲେ। ଶ୍ରେଷ୍ଠ ଛାତ୍ରୀମାନଙ୍କୁ ବିଦ୍ୟାଳୟ କଳିକା, ବିଦ୍ୟାଳୟ ପ୍ରସନ୍ନ, ବିଦ୍ୟାଳୟ ଶ୍ରୀ, ତନ୍ମଧ୍ୟରେ ସର୍ବଶ୍ରେଷ୍ଠ ଛାତ୍ରୀଙ୍କୁ ଲାବଣ୍ୟ ନିତ୍ୟାନନ୍ଦ ଭୂୟାଁ ସ୍ମାରକୀ ଟ୍ରଫି ସହିତ ବିଦ୍ୟାଳୟ ରତ୍ନ ଉପାଧି ଦିଆଗଲା । ସଭାପତି ତାଙ୍କ ଅଭିଭାଷଣରେ ସମାଜ, ଦେଶ ପ୍ରଗତିରେ, କନ୍ୟା ଓ ନାରୀ ଶକ୍ତି ଶ୍ରେଷ୍ଠ ଶକ୍ତି, ଗୃହଲକ୍ଷ୍ମୀ ଇତ୍ୟାଦି କହିଥିଲେ । ନାରୀମାନେ ମହାକାଶ ଠାରୁ ହାଣ୍ଡିଶାଳ ପର୍ଯ୍ୟନ୍ତ ଆଜି ଝିଅମାନେ ଆଗୁଆ, ସମସ୍ତେ ମତବ୍ୟକ୍ତ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ଶର୍ମିଷ୍ଠା ବରାଳ ଧନ୍ୟବାଦ ଅର୍ପଣ, କବିତା ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସହଯୋଗରେ ଉତ୍ସବଟି ସଫଳ ହୋଇଥିଲା ।

# ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଆରମ୍ଭ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଦକ୍ଷିଣ ଓଡ଼ିଶା ଫାର୍ମାସିଷ୍ଟ ସଂଘର ୨୫ବର୍ଷ ପୂର୍ତ୍ତି ଅବସରରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ଫେବୃୟାରୀ ୧୯ ବୁଧବାର ଠାରୁ ଆରମ୍ଭ ହୋଇଛି । ୨୩ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ଯୁସିପି ଇଞ୍ଜିନିୟରିଂ ସ୍କୁଲ୍ ଖେଳ ପଡିଆ ଠାରେ ଆୟୋଜିତ ହେବ। ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ କମିଟିର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ବିବରଣୀ ପାଠ କରିଥିଲେ । ନବୀନ କୁମାର ମହାପାତ୍ର, ନାରାୟଣ ମହାକୁଡ଼, ଦେବାଶିଷ ପଣ୍ଡା, ବିଜୟ ଅଧିକାରୀ, ରୋହିତ ପରିଡ଼ା, ସୀତାଂଶୁ ପଣ୍ଡା, ରାଜୀବ ମିଶ୍ର, ଟୁଟୁ ବେହେରା, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ତପନ ପଣ୍ଡା, ନାଗେଶ୍ୱର ପ୍ରୁଷ୍ଟି, କେଦାର ନାଥ ଜେନା, ଡ଼ା କିରଣ ପାଣିଗ୍ରାହି ଓ ଲୋକ ସମ୍ପର୍କ ଅଧିକାରୀ ସୁଦୀପ ସାହୁଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ । ସ୍ୱାସ୍ଥ୍ୟ ମହୋତ୍ସବରେ ସକାଳ ସମୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା । ବହୁ ଅଭିଜ୍ଞ ଡାକ୍ତରଙ୍କ ସହ ବିଭିନ୍ନ ମେଡ଼ିସିନ୍ କମ୍ପାନୀ ତରଫରୁ ଷ୍ଟଲ୍ ମଧ୍ୟମରେ ସ୍ୱାସ୍ଥ୍ୟ ସୁରକ୍ଷା ଓ ଯତ୍ନ ସଂପର୍କରେ ସଚେତନ କରାଯାଇଥିଲା । ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟ ଜନିତ ଆଲୋଚନା ସଭା ଆୟୋଜିତ ହୋଇଥିଲା । ଏହି ଅବସରରେ ଖ୍ୟାତନାମା ଗାୟିକା ଅସୀମା ପଣ୍ଡା ଯୋଗଦେଇ ନିଜର କଣ୍ଠ ମାଧ୍ୟମରେ ସଭିଙ୍କୁ ଉତ୍ସାହିତ କରିଥିଲେ । ଉଚ୍ଚ ରକ୍ତଚାପ, ମଧୁମେହ, ଥାଇରଏଡ, ସ୍ନାୟୁ ଦୁର୍ବଳତା, ସ୍ତ୍ରୀ ଓ ପ୍ରସୂତି ଜନିତ ରୋଗ, ଶିଶୁ ରୋଗ, ଅଣ୍ଟା ବ୍ୟଥା, ଚକ୍ଷୁ, ଦନ୍ତ, ବାର୍ଦ୍ଧକ୍ୟ ଜନିତ ରୋଗ, ସହ ଯେ କୌଣସି ଅସ୍ତ୍ରୋପଚାର, ହୃଦ୍ ଜନିତ ସମସ୍ୟା, ଗ୍ୟାଷ୍ଟ୍ରିକ୍ ଜନିତ ସମସ୍ୟା ସହ ଅନ୍ୟାନ୍ୟ ସମସ୍ତ ରୋଗ ସଂପର୍କରେ ଏଠାରେ ସଚେତନ ସହ ପରାମର୍ଶ ଯାଇଥିଲା । ଏଲୋପ୍ୟାଥିକ୍ ସହ ହୋମିଓପାଥିକ୍, ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା ଓ ଅନ୍ୟାନ୍ୟ ବିଭାଗର ସ୍ୱାସ୍ଥ୍ୟ ଜନିତ ରୋଗର ମାଗଣା ଚିକିତ୍ସା ସହ ପରାମର୍ଶ ଓ ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ବରିଷ୍ଠ ଓ ଅଭିଜ୍ଞ ବିଶେଷଜ୍ଞଙ୍କ ଦ୍ୱାରା ପରାମର୍ଶ ଦିଆଯାଇଥିଲା । ଏପରି ମେଗା ସ୍ୱାସ୍ଥ୍ୟ ମହୋତ୍ସବରେ ଦକ୍ଷିଣାଞ୍ଚଳର ସମସ୍ତ ଜିଲ୍ଲା ସମେତ ବହୁ ଗ୍ରାମବାସୀ ବହୁ ସଂଖ୍ୟାରେ ଯୋଗ ଦେବାକୁ ନିବେଦନ କରାଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ସିଡିଏମ୍‌ଓ ଡ. ବିଜୟ କୁମାର ପରିଡ଼ା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡ଼ା ଶଙ୍କର୍ଷଣ ପାତ୍ର, ଡ଼ା ଅତୁଲ୍ୟ ପଟ୍ଟନାୟକ, ହୋମିଓ ପାଥିକ୍ କଲେଜ୍ ଅଧ୍ୟକ୍ଷଙ୍କ ସମେତ ଯୋଗ ଦେଇଥିଲେ । ପୁପିନ୍ଦର ଓ ଗୁନ୍ ଗୁନ୍ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

# ଟ୍ରକ୍ ପଛରେ ପିଟି ହୋଇ ବାଇକ୍ ଚାଳକଙ୍କ ମୃତ୍ୟୁ

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ବ୍ଲକ ରାଇସିଂ ପଞ୍ଚାୟତ ମହକୁମା ନିକଟରେ ଏକ ଟ୍ରକ୍ ସହ ବାଇକ୍ ପିଟି ହୋଇ ବାଇକ୍ ଚାଳକର ମୃତ୍ୟୁ ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ମୃତକ ହେଲେ ରାଇସିଂ ଗାଁର ସୁବାଷ ମୁଦୁଲି (୩୫) । ଆହତ ଜଣକ ହେଲେ କାଲାଡ଼ି ଗାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହୃଷୀକେଶ ମହାନ୍ତି । ସୁବାଷ ଏକ ହିରୋ ବାଇକ୍ ଯୋଗେ ଶିକ୍ଷକ ହୃଷୀକେଶ ମହାନ୍ତିଙ୍କ ସହ କାଲାଡ଼ି ଯାଉଥିଲେ । ରାଇସିଂ ନିକଟ ପୋଡମରା ନିକଟ ରାସ୍ତା କଡ଼ରେ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ଓହ୍ଲାଇବା ନିମନ୍ତେ ଠିଆ ହୋଇଥିବା ଟ୍ରକ୍ ସହ ବାଇକ୍ ପିଟି ହୋଇଥିଲା । ଏଥିରେ ସୁବାଷ ଗୁରୁତର ହୋଇଥିବା ବେଳେ ଶିକ୍ଷକ ଜଣକ ମଧ୍ୟ ଆହତ ହୋଇଥିଲେ । ଏହି ଦୁହିଁଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ନନ୍ଦପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ଡାକ୍ତର ସୁବାଷଙ୍କୁ ମୃତ ଘୋଷଣା କରିଥିଲେ । ଆହତ ଶିକ୍ଷକଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ପାଡୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଅନ୍ୟପଟେ ମୃତକଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ରାସ୍ତା ରୋକ୍ କରିଥିଲେ । ସଂପୃକ୍ତ ପାଇପ୍ ଲାଇନ୍ ବିଛାଇଥିବା ସଂସ୍ଥା ସହ ଆଲୋଚନା ଓ କ୍ଷତିପୂରଣ ଦେବା ପାଇଁ ରାଜି ହେବା ପରେ ରାସ୍ତା ରୋକ୍‌ରୁ ଓହରିଥିଲେ ।

# ଚୋରା ସୁନା କିଣି ବନ୍ଧା ହେଲେ ସୁନା ଦୋକାନୀ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ବଜାର ନୂତନ ଏସ୍‌ଆର୍ ମାର୍କେଟ୍ କମ୍ପ୍ଲେକ୍ସରେ ଥିବା ସୁନା ଦୋକାନୀକୁ ଚୋରା ସୁନା କିଣିଥିବା ଅଭିଯୋଗରେ ପୋଲିସ ଚୋରା ସୁନା ସମେତ ୨ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ ତାଳଚେର ପୋଲିସ ୨ଜଣ ସୁନା ଲୁଟେରାଙ୍କୁ ଧରିବା ପରେ ସେମାନେ ଜାରକା ଅଞ୍ଚଳରେ ସୁନାକୁ ବିକିଥିବା ପ୍ରକାଶ କରିଥିଲେ । ତାଳଚେର ପୋଲିସ ଓ ଧର୍ମଶାଳା ପୋଲିସ ମିଳିତ ଭାବେ ବୁଧବାର ଦିନ ୨ ଚେନ୍ ଲୁଟେରାଙ୍କୁ ଧରି ଏସ୍‌ଆର୍ ମାର୍କେଟ୍‌ରେ ଥିବା ଚାନ୍ଦୀ ଅର୍ଣ୍ଣାମେଣ୍ଟ ଉପରେ ଚଢ଼ଉ କରିଥିଲେ । ପୋଲିସ ୫ଟି ସୁନା ଚେନ୍ ଜବତ କରିଥିବା ବେଳେ ୨ଜଣ ସୁନା ବ୍ୟବସାୟୀଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି ।




# ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ହସ୍ତାକ୍ଷର ବିଶ୍ଲେଷଣ ପ୍ରଶିକ୍ଷଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ରୋଟାରି ଇ-କ୍ଲବ୍ ଅଫ୍ ମହୋଦଧି, ଭୁବନେଶ୍ୱର ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ତଥା ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ 'ଆମ ହସ୍ତାକ୍ଷର ଓ ବ୍ୟକ୍ତିତ୍ୱର ସମ୍ପର୍କ' ଉପରେ ବୁଧବାର ଦିନ ନିଃଶୁଳ୍କ ପ୍ରଶିକ୍ଷଣ ଦିଆଯାଇଥିଲା । କ୍ଲବର ସଭ୍ୟ ଅଭିଜ୍ଞ ଗ୍ରାଫୋଲୋଜିଷ୍ଟ ରୋଟାରିଆନ ଇଂ ନିରଞ୍ଜନ ବେହେରା କଲମ ଧରିବାର ଶୈଳୀ ଠାରୁ ଆରମ୍ଭ କରି ଠିକ୍ ଭାବରେ ବିଭିନ୍ନ ଅକ୍ଷର ଲେଖିବା ପଦ୍ଧତି, ଭୁଲ୍ ଲେଖିବା ଦ୍ୱାରା କି ପ୍ରକାରର କୁପ୍ରଭାବ ଶାରୀରିକ, ମାନସିକ ସ୍ତରରେ ପଡେ ଏବଂ ହସ୍ତାକ୍ଷରର ସାମାନ୍ୟ ପରିବର୍ତ୍ତନ ଦ୍ୱାରା କିପରି ପିଲାମାନଙ୍କର ଚଳିଚଳନ, ଶାରୀରିକ ସୁସ୍ଥତା, ମାନସିକ ସନ୍ତୁଳନ, ବ୍ୟକ୍ତିତ୍ୱର ବିକାଶ, ବୃତ୍ତିଗତ ଶିକ୍ଷା ଚୟନ ଇତ୍ୟାଦିର ଉନ୍ନତି ହୋଇପାରିବ ତାହା ସେ ବିସ୍ତୃତ ଭାବରେ ଶିଖାଇଥିଲେ । କ୍ଲବର ସଭାପତି ରୋଟାରିଆନ୍ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ, ସମ୍ପାଦକ ରୋଟାରିଆନ୍ ରଜନୀକାନ୍ତ ପଟ୍ଟନାୟକ, ଉପସଭାପତି ରୋଟାରିଆନ୍ ରାଜକୁମାର ସୂତାର, କୋଷାଧ୍ୟକ୍ଷ ରୋଟାରିଆନ୍ ରମେଶ ଚନ୍ଦ୍ର ସାହାଣୀ, ରୋଟାରିଆନ୍ ଅଜୟ କୁମାର ଦାସ, ରୋଟାରିଆନ୍ ନିରଞ୍ଜନ ସାହୁ, ରୋଟାରିଆନ୍ ପଦ୍ମକାନ୍ତ ମିଶ୍ର ଏବଂ ରୋଟାରିଆନ୍ ପ୍ରମଥ ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୨।୨୦୨୫, ଫାଲ୍ଗୁନ ଦି୧୦ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୧୨।୫୩** **ଚନ୍ଦ୍ରୋଦୟ- ରାଘ ୧।୧୮।୨୩**

**ଅଷ୍ଟମୀ-** ଦିଘ ୧୧।୫୮ ପର୍ଯ୍ୟନ୍ତ । **ଅନୁରାଧା ନକ୍ଷତ୍ର-** ଦିଘ ୩।୫୩ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୧୧।୫୮ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୧୬ ଗତେ ଘ ୭।୦୨ ମଧ୍ୟେ, ଦିଘ ୧୨।୨୩ ଗତେ ଘ ୨।୪୧ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀମାଙ୍କ ଜୟନ୍ତୀ, ବିଶ୍ୱ ମାତୃଭାଷା ଦିବସ ।



**ମେଷ:** ଚାକିରୀ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ମହିଳାମାନେ ଅସ୍ଥିର ରହିବେ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ନୂତନ ବନ୍ଧୁଙ୍କ ସହ ଭେଟ ।




**ବୃଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବାର ସୂଚନା । ଦେହ ଓ ମନ ଭଲ ରହିବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ରୋଜଗାର ଭଲ ହେବ । ପେରାପକାର କରି ଆନନ୍ଦିତ ହେବାର ସୂଚନା ।



**ମିଥୁନ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହେବ ।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ । ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଲାଭ ।




**ସିଂହ:** ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଏଣୁ ମାନସିକ ଦୁଶ୍ଚିନ୍ତା ଦେଖାଦେବ । ମନ ବିଚଳିତ ରହିବ । ପାରିବାରିକ କଳହ ଦେଖାଦେଇପାରେ । ସତ କଥା କହି ନିଜ ଲୋକଙ୍କ ପାଖେ ଖରାପ ହେବେ ।



**କନ୍ୟା:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ଶତ୍ରୁଙ୍କ ଠାରୁ ସତର୍କ ରୁହନ୍ତୁ । ରୋଜଗାର ସ୍ଥିର ରହିବ । ଘରେ ସୁଖ ଶାନ୍ତି ରହିବ । ବ୍ୟବସାୟ ମଧ୍ୟମ ଧରଣର ହେବାର ସୂଚନା ।



**ତୁଳା:** ପୁରାତନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ଏଣୁ ମନ ପ୍ରଫୁଲ୍ଲ ରହିବ । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।



**ବିଛା:** ଆଜି ଆପଣଙ୍କର ଦିନଟି ଆନନ୍ଦରେ କଟିବ । ଶରୀର ସୁସ୍ଥ ରହିବ । ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ଧନୁ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ମନକୁ ଦୁଶ୍ଚିନ୍ତା ଆଣିବ । ପାରିବାରିକ ସମସ୍ୟାର ସମାଧାନ ହୋଇଯିବ । ରୋଜଗାର ଭଲ ହେବ । ଘରେ ଶାନ୍ତିର ବାତାବରଣ ରହିବାର ସୂଚନା ।



**ମକର:** କାର୍ଯ୍ୟକ୍ଷେତ୍ରରେ ମାନ ସମ୍ମାନ ବଢ଼ିପାରେ । ଶତ୍ରୁ ନାଶ ହେବେ । ସାଧନାରେ ସିଦ୍ଧି ଲାଭ କରିବେ । ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ । ଗୃହେ ଶାନ୍ତି ଲାଭ ହେବ । ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** କଠିନ ପରିଶ୍ରମ ହେତୁ ଶାରୀରିକ ଅସୁସ୍ଥତା ଦେଖାଦେଇପାରେ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ରୋଜଗାର ସ୍ଥିର ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ମୀନ:** କଚେରି ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ଦେହ ଓ ମନ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୨।୨।୨୦୨୫, ଫାଲ୍ଗୁନ ଦି୧୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୨।୧୪** **ଚନ୍ଦ୍ରୋଦୟ- ରାଘ ୨।୧୪୮।୧୨**

**ନବମୀ-** ଦିଘ ୧।୨୦ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ଓ ବିଛା ରାଶି-** ସଂଘ ୫।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର ଓ କୁମ୍ଭ ରାଶିର । ସଂଘ ୫।୪୦ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ସଂଘ ୫।୪୦ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୧।୨୦ ପରେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୪ ଗତେ ଘ ୧।୦୯ ମଧ୍ୟେ, ରାଘ ୮।୧୫ ଗତେ ଘ ୧୦।୪୫ ମଧ୍ୟେ ।

ସମ୍ପାଦକୀୟ

31 YEARS

ସମ୍ବାଦ କଳିକା

# କୃଷି କ୍ଷେତ୍ର ଉପରେ ଚାପ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,
ଭଦ୍ରକାଳୀ କପାଳିନୀ
ଦୁର୍ଗସ୍ୱା, କ୍ଷମା, ଶିବା, ଧାତ୍ରୀ
ସ୍ୱହା ସ୍ୱଧା ନମସ୍ତୁତେ ।'**



ଶ୍ରୀ ଅଭିରାମ ସରସ୍ୱତୀ

ତୁଳି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅଶ୍ୱ ବସ୍ତ୍ର
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ
ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁର୍ଗସ୍ୱା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

---



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୧୨)

## (ଏକ ଐତିହାସିକ ଉପସ୍ଥାପନା)

ଚାରିଆଡକୁ ଚାହିଁଲା କେହି ନାହାଁନ୍ତି। ଗୃହର କବାଟ ଫିଟାଇ ବାହାରକୁ ଆସିଲା। ନିର୍ଜନ ରାତି, ସବୁ ଆଡେ ଶୂନ୍ ଶାନ। ଆକାଶରେ ନକ୍ଷତ୍ରମାଳାଙ୍କର ଅପୂର୍ବ ଆଲୋକ ରଶ୍ମିରେ ପୃଥିବୀର ବଡ ବିଚିତ୍ର ଦେଖାଯାଉଛି। ରାତ୍ରୀଚର ପକ୍ଷୀମାନଙ୍କର ଚିକିରିମିକିରି ଶବ୍ଦ ବି ମନକୁ କେମିତି କାହିଁକି ଏକ ଅଜଣା ପୁଲକ ଖେଳାଇ ଦେଉଛି ବିଶର ମହାନ୍ତିଙ୍କର। ନା, ଆଉ ସେ ରହିପାରିବେନି। ଏହି କଥା ତାଙ୍କ ମନକୁ ମନ କହିଦେଲେ। ନିଷାର୍ଦ୍ଧ ହେବା ପାଇଁ ଆଉ ଅଳ୍ପସମୟ ବାକି ଅଛି। ଗଙ୍ଗା କୂଳରୁ ଗୋଟିଏ ଓଡ଼ିଆ ନାବିକର ବିରହ ସଂଗୀତ ବିଶର ମହାନ୍ତିଙ୍କର କର୍ଣ୍ଣପାତ ହେବାକୁ ଲାଗିଲା। ବିଶରଙ୍କର ମନ ବହୁତ ଖୁସି ହୋଇଗଲା, କାରଣ ଏ ସ୍ଥାନରେ ପୁଣି ଓଡ଼ିଆ ଭାଷା, ବହୁତ ଦୂରରେ ଛାଡିଦେଇ ଆସିଥିବା ନବ ବିବାହିତା ପ୍ରିୟତମା ପତ୍ନୀର ବିରହରେ ଓଡ଼ିଆ ନାଉରିଆଟି ମନ ଛୁଆଁ ସଙ୍ଗୀତ ଗାଇ ଚାଲିଛି। ନୀଳ ଆକାଶର ଛାତିରେ ପଡିଛି ରୂପେଲି ଜହ୍ନ। ଶୀତଳ ଚନ୍ଦ୍ରମାର ପ୍ରତିବିମ୍ବ ଗଙ୍ଗାଙ୍କର ନୀଳ ଜଳ ରାଶିରେ ଭାସି ଉଠୁଛି। ତାକୁ ଦେଖି ଓଡ଼ିଆ ଧୀବରଟି ସ୍ମରଣ କରୁଛି ଅତୀତର ଚୋରାପୀଡିର ନୈସର୍ଗିକ କାହାଣୀ। ଗୋଟିଏ ଛୋଟ ମଶାଲ ଜଳାଇ ବିଶର ମହାନ୍ତି ଛୁଟି ଆସିଛି ଓଡ଼ିଆ ଧୀବରଙ୍କର ନିକଟକୁ। ନିଶବ୍ଦ ହୋଇ ଆସୁଥାଏ। ଗଙ୍ଗାକୂଳରେ ବିଶର ମହାନ୍ତି ସାଙ୍ଗରେ ନେଇଥିବା କ୍ଷୁଦ୍ର ମଶାଲଟିକୁ ତିନିଧର ହଲାଇ ସଂକେତ ଦ୍ୱାରା ଓଡିଆ ଧୀବରଙ୍କୁ ଡାକିଲେ (ଗଙ୍ଗା କୂଳରେ ଯଦି କୌଣସି ବ୍ୟକ୍ତି ବିପଦରେ ପଡିଥିବ ଏବଂ କୌଣସି ସାହାଯ୍ୟ ପାଉ ନଥିବ, ସେହି ବିପଜ୍ଜନକ ପରିସ୍ଥିତିରୁ ରାତିରେ ଉଦ୍ଧାର ପାଇବାକୁ ହେଲେ ପ୍ରଥମେ ସେ ମଶାଲଟି ଜାଳି ସେହି ମଶାଲଟିକୁ ଉଠାଇ ତିନିଥର ସଂକେତ ଦେବେ। ତାଙ୍କୁ ଯେ କୌଣସି ପରିସ୍ଥିତିରେ ପଡିଥିଲେ ବି ରାତିରେ ନାବିକମାନେ ଆସି ସେ ଲୋକକୁ ଉଦ୍ଧାର ନିଶ୍ଚୟ କରିବେ। ଏହା ତାଙ୍କର ପାରମ୍ପାରିକ ଅଭ୍ୟାସ ଓ ଧର୍ମ।) ଧୀବର ମାନେ ଆସି ଗଙ୍ଗାକୂଳରେ ପହଞ୍ଚିବା ପରେ ବିଶର ମହାନ୍ତି ସେହି ଓଡ଼ିଆ ଧୀବର ମାନଙ୍କୁ ସମସ୍ତ କଥା ଖୋଲି ଜଣାଇଦେଲେ ଏବଂ ସେ ଏଠାରୁ ବ୍ରହ୍ମମଣିମାନଙ୍କୁ ନେଇ ଓଡ଼ିଶାର ଏପରି କେଉଁ ସ୍ଥାନଅଛି ଯେଉଁଠିକି ଗଲେ, ଅନ୍ତତଃ ଜଗନ୍ନାଥଙ୍କ ବ୍ରହ୍ମମଣି ଗୁଡିକ ସୁରକ୍ଷିତ ରହିପାରିବ ଏହି ପରାମର୍ଶ ମାଗିଲେ ଓଡ଼ିଆ ନାବିକମାନଙ୍କୁ। ସେହି ଓଡ଼ିଆ ଧୀବରମାନେ ବିଶର ମହାନ୍ତିଙ୍କୁ ପରାମର୍ଶ କ୍ରମେ କହିଲେ ଯେ "କୁଜଙ୍ଗ ଗଡ ହେଉଛି ସବୁଠାରୁ ନିରାପଦ ଓ ସେହିଠାରେ ହିଁ ଜଗନ୍ନାଥଙ୍କ ବ୍ରହ୍ମମଣି ସୁରକ୍ଷିତ ରହିପାରିବ। ଆମେ ତୁମକୁ ଏହାର ନିକଟତମ ଜଳପଥ ବତାଇ ଦେଉଛୁ ତୁମେ ଆଉ କାଳ ବିଳମ୍ବ ନ କରି ଆମ ଠାକୁରଙ୍କୁ ନେଇ କଳିଙ୍ଗମାଟିର ଶୀଘ୍ର ଅବସ୍ଥାନ କରାଅ।"

ସେହିଠାରେ ବିଶର ମହାନ୍ତି ସେହି କୈବର୍ତ୍ତମାନଙ୍କୁ କହିଲେ "ହେ ନାବିକଭାଇମାନେ ତୁମେ ଏହି ଗଙ୍ଗାଜଳକୁ ହସ୍ତରେ ଧରି ଶପଥକର ଯେପରି ଆମ ମାନଙ୍କ ଭିତରେ ହୋଇଥିବା ଏ ଗୋପନ କଥା ଯେପରି ଅନ୍ୟ କେହି ଜାଣିନପାରନ୍ତି।" ଡଙ୍ଗାରେ ଥିବା ସମସ୍ତ ଧୀବର ମାନେ ଆଞ୍ଜୁଳା ଲେଖି ଜଳଧରି ଶପଥ କରି କହିଲେ ଯେ "ଆମେ ଆଜି ମୁକ୍ତ ଆକାଶ ତଳେ ଦଶଦିଗପାଳଙ୍କୁ ସାକ୍ଷୀ ରଖି ଆମ ଇଷ୍ଟଦେବତା ଜଗନ୍ନାଥଙ୍କ ନାମ ଧରି ଶପଥ କରୁଛୁ ଯେ ଆମର ଜୀବନ ଚାଲିଗଲେ ବି କୌଣସି ପରିସ୍ଥିତିରେ ଏହି ରହସ୍ୟକୁ ଆମ୍ଭେମାନେ କାହାକୁ କହିବୁ ନାହିଁ।"

ଧୀବରମାନଙ୍କୁ ଶପଥ କରାଇ ସାରିବା ପରେ ମଶାଲଟିକୁ ଧରି ଧୀର ପଦପାତରେ ଚତୁଃଦିଗକୁ ଲକ୍ଷ୍ୟ କରି ଅତି ସନ୍ତର୍ପଣରେ ଶଙ୍କିତ ଦସ୍ୟୁ ଭଳି ସେହି ଅର୍ଦ୍ଧଦଗ୍ଧ ଦାରୁମୂର୍ତ୍ତିମାନଙ୍କ ନିକଟକୁ ଆସିଲେ। ହୃଦୟରେ ନୀରବ ଭାବେ ଜୟ ଜଗନ୍ନାଥ, ଜୟଜଗନ୍ନାଥ ଜପି ଚାଲିଥାନ୍ତି ବିଶର। ଜଗନ୍ନାଥଙ୍କ ଦାରୁ ନିକଟରେ ହାତ ମାରିବା ସମୟରେ କେତେକ ରାତ୍ରୀରେ ପକ୍ଷୀ ହଠାତ୍ ମଣିଷ ଭାବି ଚିତ୍କାର ଶବ୍ଦ କରି ମୁଣ୍ଡ ଉପରେ ଉଡିଗଲେ। ଛାନିଆ ହୋଇଗଲେ ବିଶର। ଛିଡା ହୋଇ ଚାରିଆଡକୁ ଚାହିଁଲେ ସନ୍ଦେହକରି। କେହି ତାଙ୍କର ଏଭଳି କାମକୁ ଲକ୍ଷ୍ୟ କରିବା ପାଇଁ ପଶ୍ଚାତ୍‌ଧାବନ କରୁଛି କି ? ଭଲ ଭାବରେ ନିରେଖି ଚାହିଁଲେ ବିଶର, କାହିଁ କେହି ତ ନାହାଁନ୍ତି। ନିଷାର୍ଦ୍ଧ ନିଜ ରାତ୍ରୀ, କିଏବା କାହିଁକି ଏ ଜଙ୍ଗଲ ମଧ୍ୟକୁ ଆସିବ ? ସେହିଠାରେ ତାଙ୍କର ମନେ ପଡିଲା ପୁରୀର ସେବକମାନଙ୍କ ଠାରୁ ନବକଳେବର ସମୟରେ ଦାରୁମୂର୍ତ୍ତିମାନଙ୍କ ବ୍ରହ୍ମ ପରିବର୍ତ୍ତନର ଲୋମଟାଙ୍କୁରା କଥା। (କ୍ରମଶଃ)

---

ପଙ୍କଜ କୁମାର ପାଣିଗ୍ରାହୀ
ୟୁଟ୍ୟୁବ - ସାମାଜିକ ଜନମ (ଭାରତ)
ଛତ୍ରପୁର, ଗଂଜାମ- ୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭

# ଜୀବନ-ଯନ୍ତ୍ରଣାର ଦୋ'ଛକିରେ ସୁଖର ସନ୍ଧାନ -୧

ମଣିଷର ବିକଶିତ ଭାବଧାରାରେ ସୁଖ ସନ୍ଧାନର ଦିଗନ୍ତ ବାରିବା
ଅତ୍ୟନ୍ତ ଦୁଃସାଧ୍ୟ ବିଷୟ ହୋଇପଡିଛି
ଆଜିର କୁହୁଡି ପହଁରା ନୀତିରେ !
ମରୀଚିକାରେ ଜଳର ଅନ୍ୱେଷଣ କରି କରି, ମଧ୍ୟ ଭାଗରେ
ସମାଧି ପାଲଟି ଯାଉଛି ଜୀବନ ଯନ୍ତ୍ରଣାରେ ସନ୍ଦିଗ୍ଧ ମଣିଷ ! କାରଣ କ'ଣ... ? ?

ଜୀବନ ଆଉ ଯନ୍ତ୍ରଣା, ପରସ୍ପର ଅଙ୍ଗାଅଙ୍ଗୀ ଭାବେ ଜଡିତ ହୋଇ ରହିଥାଏ ପ୍ରତ୍ୟେକ ମଣିଷର। ଆଜିର ଅତ୍ୟାଧୁନିକ ମଣିଷ ଗୋଟିଏ ରାସ୍ତାରେ ଜୀବନ ଅତିବାହିତ କରୁଥିବା ବେଳେ ଅନ୍ୟ ଦିଗରେ ଯନ୍ତ୍ରଣାମୟ ପରିସ୍ଥିତିର ମୁକାବିଲା କରିବା ପାଇଁ ସଂଘର୍ଷରତ । ସୁଖୀ ମଣିଷଟିଏ ଖୋଜିବାକୁ ବାହାରିଲେ ହୁଏତ ବ୍ରହ୍ମାଣ୍ଡ ସରିଯିବ... ! ଜୀବନକୁ କେଉଁ ମାର୍ଗରେ ବ୍ୟବହାର କରି ଚାଲିଛେ ଆମେ ଯେ ଆନନ୍ଦ ଅନୁଭବର କୌଣସି ମାର୍ଗ ଦିଶୁନାହିଁ ବରଂ ଦିନକୁ ଦିନ କେବଳ ଯନ୍ତ୍ରଣା ଜଡିତ ହୋଇ କଲବଲ ହେଉଛି ଆଜିର ମଣିଷ ? ଆସନ୍ତୁ ବିଚାର କରି ଦେଖିବା...

ଜୀବନ ଏକ ପ୍ରକୃତିଦ□ ପ୍ରକ୍ରିୟା ଯାହା ମଣିଷ ସମେତ ଆହୁରି ଲକ୍ଷ ଲକ୍ଷ ପ୍ରାଣୀଙ୍କ ସରଂଚନାକୁ ନିଦର୍ଶନ କରିଥାଏ । ପ୍ରକୃତି ପ୍ରାଣୀଜଗତକୁ ପ୍ରାକୃତିକ ଭାବେ ସୃଷ୍ଟି କରି ପ୍ରତ୍ୟେକ ଏକକ ଜୀବକୁ ଏକ ନିର୍ଦ୍ଦିଷ୍ଟ ସମୟ ପରେ ତା କୋଳରେ ଲୀନ କରି ଦେଇ ପୁଣି ଏକ ନୂତନ ଜୀବନ ସଂଚାର କରିବା ନିୟମ ରଖିଥିବା ସମସ୍ତେ ଜାଣନ୍ତି । ମଣିଷ ସମେତ ପ୍ରାୟତଃ ସମସ୍ତ ଚରାଚର ଜୀବଜଗତ ସେମାନଙ୍କ ଗୁଣ, ଧର୍ମ ଜନିତ ଜୀବନ ବିତାଇ କୌଣସି ଗୋଟିଏ ଦିନ ପ୍ରକୃତି କୋଳକୁ ପ୍ରତ୍ୟାବ□ନ କରିଥାନ୍ତି ଯାହାର କୌଣସି ନିଶ୍ଚିତ ଧାର୍ଯ୍ୟ, ବିକଳ୍ପ ନଥାଏ । କିଏ କେତେଦିନ ଜୀବନରେ ବଂଚି ରହିବ ଏବଂ କାହିଁକିର ଉତ୍ତର ନାହିଁ କାହାରି ପାଖରେ । ମଣିଷ କେବଳ କିଛି ସ୍ମୃତି ଓ ଭାବନା କ୍ଷମତା ସମ୍ପନ୍ନ ଜୀବଟିଏ ଯିଏ ପ୍ରକୃତିର ଅନେକ କଥା ବୁଝିବାରେ ସମର୍ଥ ହୋଇ ପାରୁଛି । ସେହି ବୁଝିବା ଭିତରେ କେତେକ ସଂସ୍କାର ମୂଳକ ଜୀବନଚର୍ଯ୍ୟା ଆପଣେଇ ନେଇଛେ ଆମେ ଯାହା ଅନ୍ୟାନ୍ୟ ପ୍ରାଣୀ ଜଗତରେ ଦେଖିବାକୁ ମିଳେ ନାହିଁ । ମାନବିକ ଗୁଣ, ଧର୍ମ, ଆଚରଣ ଗୁଡିଏ ଆମ ଜୀବନରେ ସ୍ୱତଃପ୍ରବୃତ୍ତ(ପ୍ରାକୃତିକ) ଭାବେ ଜଡିତ ରହିଥିବା ବେଳେ ଅତିମାନବୀୟ ଆଚରଣ ଗୁଡିଏ ସମାଜର କେତେକ ସଂସ୍କୃତ ମଣିଷଙ୍କ ଠାରୁ ଶିକ୍ଷା ଲାଭ କରି ଅଚରିଥାନ୍ତି କେତେକ । ଆଉ କେତେକ ସେଗୁଡିକୁ ଗ୍ରହଣ କରିବାରେ ଅସମର୍ଥ ରହି ଅନେକ ଅମାନବୀୟ ଚରିତ୍ର ପ୍ରବାହ କରିଥାନ୍ତି ସମାଜରେ ଯାହାଙ୍କୁ ଆମେ ଅମଣିଷ ବୋଲି ବିଚାରିଥାଉ । ଅନ୍ତତଃ ପକ୍ଷେ ନିଜର ହେଉ କି ସାମାଜିକ କ୍ଷେତ୍ରରେ ସାମୁହିକ ସ୍ୱାର୍ଥକୁ ଆଘାତ ପହଞ୍ଚାଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ମଣିଷଙ୍କୁ ଅମଣିଷ ବୋଲି କୁହାଯାଇ ଥାଏ । ଆଜି ସମୟରେ ସେହିଭଳି ମଣିଷ ବ୍ୟାପକ ପରିମାଣରେ ଦେଖିବାକୁ ମିଳୁଛନ୍ତି ଯେଉଁମାନେ ସମାଜରେ କିଛି ଶିକ୍ଷା ଗ୍ରହଣ କରି ନିଜକୁ ଚତୁର କରି ପାରିଛନ୍ତି । ସେହି ଚତୁରଙ୍କୁ ସାମାଜିକ କ୍ଷେତ୍ର ଠାରୁ ଦୂରେଇ ରଖାଗଲେ ସମାଜରେ କିଛି ନୂତନତ୍ୱ/ ପରିବର୍ତ୍ତନ ସମ୍ଭବ ହେବ ଯାହା ହେଉନାହିଁ । ତେଣୁ ସେହି ଚତୁର ଗୋଷ୍ଠୀ ସମାଜର ନିର୍ବୋଧଙ୍କୁ ପ୍ରତାରିତ କରି ରଖି ଶୋଷଣର ଶିକାର କରି ଚାଲିଥିବା ପରିପ୍ରେକ୍ଷୀରେ ସାଧାରଣ ମଣିଷଙ୍କ ଜୀବନ ପଥରେ ଯନ୍ତ୍ରଣା ଏକ ବିଶାଳ ପ୍ରାଚୀର ସଦୃଶ୍ୟ ଦଣ୍ଡାୟମାନ ହୋଇ ସମସ୍ତଙ୍କୁ ବିଭାଜିତ କରି ଚାଲିଛି !

ଜୀବନର ସ୍ରୋତ ଦୁଇଟି ଦିଗରେ ପରିଚାଳିତ ହେଉଥିବା ବେଳେ ଯନ୍ତ୍ରଣା ଅନୁଭବ ଦୁଇଟି କାରଣରୁ କରିଥାଏ ମଣିଷ । ଜୀବନ ନଈର ଡଙ୍ଗାଟି କେତେବେଳେ ଅନୁକୂଳରେ ଚାଲିଥାଏ ତ ଆଉ କେତେବେଳେ ପ୍ରତିକୂଳରେ । ଅନୁକୂଳରେ ଚାଲିଲେ ମଣିଷର ଦୁଃଖ ଲାଘବ ହେଉଥିବା ବେଳେ ପ୍ରତିକୂଳମୁଖି ହୋଇ ମଣିଷ ଅତ୍ୟନ୍ତ ଦୁଖୀ ହେଉଥିବା ବିଭୀଷିକା ପ୍ରାୟତଃ ସମସ୍ତଙ୍କୁ ଘେରି ରହିଛି । କାରଣ ଖୋଜନ୍ତି ନାହିଁ କେହି ! ଖୋଜି ବାହାର କରିପାରନ୍ତି ନାହିଁ କେତେକ ! ଯିଏ କାରଣ ଗୁଡିକ ଜାଣିପାରନ୍ତି ସେମାନଙ୍କୁ ସାମାଜିକ ପ୍ରତିବଦ୍ଧତା ବିଶୃଙ୍ଖଳିତ କରିବାରେ ସହଭାଗିତା କରିଥାନ୍ତି ଅନେକ ପାର୍ଶ୍ୱବର୍ତ୍ତୀ ବନ୍ଧୁ ପରିଜନ ! କହିବାକୁ ଗଲେ ସବୁ ଜାଣିଶୁଣି ମଧ୍ୟ ଅନୈତିକତା ତଥା ଦୁଃଖ ବିଭୀଷିକାର ଶିକାର ହେବା ଠାରୁ ଦୁରେଇ ରହିବା ସମ୍ଭବ ହେଉନାହିଁ ଆଜିର ମଣିଷ ପାଖରେ ।

ପ୍ରାକୃତିକ ନୈତିକତା ତଥା ମାନବିକ ଗୁଣ, ଧର୍ମ ଗୁଡିକୁ ଆଚରି ନିଜର ଜୀବନ ଶୈଳୀକୁ ସରଳ କରି ବଞ୍ଚିବା ଚିନ୍ତନ ମଣିଷକୁ ଅନୁକୂଳଗାମୀ କରିଥାଏ । ମନୁଷ୍ୟକୃତ କୃତିମ ଜୀବନ ଶୈଳୀ ହେତୁ ସଦାସର୍ବଦା ଦୁଖୀ ହୋଇ ରହୁଥିବା ଚେତନା ଜ୍ଞାନ ରହିତ ନିର୍ବୋଧ ମଣିଷ ଅତ୍ୟନ୍ତ ଦୁଃଖରେ କାଳାତିପାତ କରୁଥିବା ଦେଖିବାକୁ ମିଳୁଛି ସର୍ବତ୍ର । ମଣିଷ ବଂଚିରହିବା ପାଇଁ ଯେଉଁସବୁ ପ୍ରାକୃତିକ ଉତ୍ସ ତଥା ଜୀବନ ଧାରଣ ଶୈଳୀର ଆବଶ୍ୟକତା ରହିଥାଏ ସେଗୁଡିକ ପ୍ରାୟତଃ କାହାକୁ ଶିଖାଇବା ଆବଶ୍ୟକ ନାହିଁ, ବରଂ ସମସ୍ତେ ନିଜେ ନିଜେ ଶିଖିଥାନ୍ତି ଚତୁଃର୍ପାର୍ଶ୍ୱର ପରିବେଶରୁ । କିନ୍ତୁ ଅନେକ କୃତ୍ରିମ ସାମାଜିକ ବିଭୀଷିକା ସୃଷ୍ଟି କରି ବ୍ୟବସାୟୀକ ଦୃଷ୍ଟିଭଙ୍ଗୀରେ ସାଧାରଣ ନିର୍ବୋଧଙ୍କୁ ପ୍ରତାରିତ କରିଥାନ୍ତି ବିଭିନ୍ନ ଶ୍ରେଣୀର ଚତୁର ଯାହାଙ୍କୁ ବୁଝିବା ଅତ୍ୟନ୍ତ ଦୁଃସାଧ୍ୟ ବ୍ୟାପାର । ଉପସ୍ଥିତ ସମୟରେ ମଣିଷ ସମାଜରେ ଉପଲବ୍ଧ ସବୁ ପ୍ରକାର ମନୁଷ୍ୟକୃତ କୃତ୍ରିମ ଜୀବନ ଶୈଳୀ ଗୁଡିକ ମଣିଷକୁ ଅହରହ ଅଶାନ୍ତିରେ ବଞ୍ଚିବା ପାଇଁ ବାଧ୍ୟ କରୁଅଛି । ସାଧାରଣ ନିର୍ବୋଧ ସେଗୁଡିକର ଷଡ଼ଯନ୍ତ୍ରକୁ ବୁଝିନପାରି ନିଜର ଉନ୍ନତି ବୋଲି ବିଚାରି ମାନସିକ ସ୍ତରରେ ଦୁଖୀ ହୋଇ ରହୁଥିବା ମଧ୍ୟ ଜାଣି ପାରୁନାହାନ୍ତି । ମନୁଷ୍ୟକୃତ ଅପ୍ରାକୃତିକ ଶୈଳୀ ଗୁଡିକ ମଣିଷକୁ ପ୍ରତିକୂଳମୁଖୀ କରି ଅହରହ ଅଶାନ୍ତିରେ ବଂଚିବା ପରିବେଶ, ପରିସ୍ଥିତି ସୃଷ୍ଟି କରୁଥିଲେ ମଧ୍ୟ ସାଧାରଣ ନିର୍ବୋଧ ସେଇଥିରୁ ନିବୃତ୍ତ□ ରହିବା ପରିବର୍ତ୍ତେ ସେଗୁଡିକୁ ଜୀବନର ଅବିଚ୍ଛେଦ୍ୟ ଅଂଶ ଭଳି ବିଚାରୁଛନ୍ତି ନିତ୍ୟ ।

ଠିକ୍ ସେହିଭଳି ଜୀବନର ଗତିପଥରେ ମଣିଷ ଦୁଇଟି କାରଣରୁ ଯନ୍ତ୍ରଣା ଅନୁଭବ କରିଥାଏ । ଗୋଟିଏ ହେଲା ଭୟ ଏବଂ ଅନ୍ୟଟି କ୍ଷୟ । ମଣିଷ ମସ୍ତିଷ୍କରେ ଭୟ ସୃଷ୍ଟି ହେବା ଏକ ପ୍ରାକୃତିକ ସରଂଚନା ଯାହା ଅନ୍ୟାନ୍ୟ ଜୀବ ମାନଙ୍କ ମଧ୍ୟରେ ମଧ୍ୟ ପ୍ରତିଫଳିତ ହୋଇଥାଏ । ପ୍ରାକୃତିକ ଭାବେ ଭୟର କାରଣ କେତେବେଳେ ଶାରୀରିକ ବ୍ୟାଧି ତ ଆଉ କେତେବେଳେ କେବଳ ମୃତ୍ୟୁ ହୋଇଥାଏ ଯାହା ପ୍ରାୟତଃ ଅନ୍ୟ କେତେକ ଜୀବଜଗତରେ ମଧ୍ୟ ଦେଖିବାକୁ ମିଳେ । କିନ୍ତୁ ବିଭିନ୍ନ ମନୁଷ୍ୟକୃତ ଭୟର ବିଭୀଷିକା ଗୁଡିକ ଅନ୍ୟାନ୍ୟ ଜୀବଜଗତରେ ନଥାଏ । କ୍ଷୟର କାରଣ କେବଳ ମଣିଷ ସମାଜରେ ଉପଲବ୍ଧ ଯାହା ପ୍ରକୃତିର ଅନ୍ୟାନ୍ୟ ଜୀବଜଗତରେ ନାହିଁ । କ୍ଷୟ ଅର୍ଥାତ ନିଜର ଅର୍ଜିତ ଧନ, ସମ୍ପତ୍ତିର କ୍ଷୟ । ଏହି ଦୁଇଟି କାରଣ ହେତୁ ମଣିଷ ସବୁବେଳେ ଯନ୍ତ୍ରଣା ଅନୁଭବ କରୁଥିବା ଦେଖିବାକୁ ମିଳେ ଅଧିକାଂଶ କ୍ଷେତ୍ରରେ । ଏହା ବ୍ୟତୀତ ମଣିଷର ସୂକ୍ଷ୍ମ ଚେତନା ଜନିତ ଭାବବିହ୍ୱଳତା କାରଣରୁ କେତେକାଂଶରେ ଦୁଃଖ ଅନୁଭବ କରୁଥିବା ଏକ ସାଧାରଣ ବିଷୟ ଯାହା ହୁଏତ ସମସ୍ତେ ଅନୁଭବ କରିଥାନ୍ତି ଜୀବନ କାଳ ମଧ୍ୟରେ ।

ଭୌତିକବାଦୀ ମଣିଷ ହିଁ ଧର୍ମର ପରାକାଷ୍ଠା ହୋଇଥାନ୍ତି । ନିର୍ବିକାର ପୂଜାର୍ଚ୍ଚନା ଉପରେ କୌଣସି ପ୍ରାଧାନ୍ୟତା ନରଖି ମାନବ ଧର୍ମ ପାଳନ କରନ୍ତି । ଲୁଣ୍ଠିତ, ପ୍ରତାରିତ, ନିର୍ଯାତିତ ହୋଇ ଜୀବନ ବଂଚିବାର ସ୍ୱାଦ ହୁଏତ କିଛି ଭିନ୍ନ ଯାହା ଓଡ଼ିଆ ଖୁବ ଭଲଭାବେ ବୁଝିଛନ୍ତି ! ଜଣେ ମଣିଷର ପରିସ୍ଥିତି କ'ଣ ବି ହୋଇଯାଉ, ଶୁଣିବାକୁ ଏଠି କେହି ନାହାନ୍ତି ! ନିଜ ସମସ୍ୟା ନିଜେ ବୁଝ ! କି ପରିସ୍ଥିତି ଆମ ରାଜ୍ୟ/ଦେଶର ? ? (କ୍ରମଶଃ)

---



**ଚିତ୍ତରଞ୍ଜନ ପୃଷ୍ଟି**
**ନିମାପଡା, ପୁରୀ**
**ମୋ-୯୭୭୮୧୭୭୫୦୧**

# ମା, ମାଟି ଓ ମମତାର ଭାଷା :ମାତୃଭାଷା

ପ୍ରତ୍ୟେକ ବ୍ୟକ୍ତି ନିଜର ମା, ମାଟି ଓ ମାତୃଭାଷାକୁ ନେଇ ଗର୍ବ କରେ । ମା, ମାଟି ଓ ମାତୃଭାଷା ସମସ୍ତଙ୍କ ପାଇଁ ନିତ୍ୟାନ୍ତ ପ୍ରୟୋଜନ । 'ମା' ଯିଏ ଆମକୁ ଜନ୍ମ ଦେଇଛି, 'ମାଟି' ଯାହା ଉପରେ ପାଦ ଦେଇ ଆମେ ଛୋଟରୁ ବଡ ହୋଇଛେ ଓ 'ମାତୃଭାଷା' ଯିଏ ଆମକୁ ପ୍ରଥମ ପରିଚୟ ଦେଇଛି । ମା , ମାଟି ଓ ମାତୃଭାଷା ଆମର ଅସ୍ମିତା ଓ ସ୍ୱାଭିମାନ । ମାତୃଭାଷା ହେଉଛି ପ୍ରତ୍ୟେକ ଜାତିର ପ୍ରାଣ ସ୍ପନ୍ଦନ ଏବଂ ଜାତିର ସକଳ ଜୀବନଶକ୍ତିର ଆଧାର। କୌଣସି ଜାତିର ଉନ୍ନତି ସେ ଜାତିର ମାତୃଭାଷାର ଉନ୍ନତି ଉପରେ ନିର୍ଭର କରେ। ମାତୃକୋଳ୍ରେ ଥିବା ସମୟରେ ମାଆଙ୍କ ମୁହଁରୁ ଶିଶୁମାନେ ଯେଉଁ ଭାଷା ଶୁଣିଥାନ୍ତି ତାହା ତାଙ୍କ ପ୍ରାଣରେ ସାରା ଜୀବନ ପାଇଁ ମୁଦ୍ରିତ ହୋଇରହେ ତାହାହିଁ ହେଉଛି ମାତୃଭାଷା । ମାତୃଭାଷା ଜନ୍ମ ହୁଏ ଶିଶୁର ସାମାଜିକ ଓ ମାନସିକ ପରିବେଶରୁ । ଯେଉଁ ଭାଷାକୁ ଶିଶୁ ତା'ର ପରିବେଶରୁ ସହଜରେ ଶିଖିନେଇଥାଏ, ତାହା ହିଁ ତା'ର ମାତୃଭାଷା । ମାଟି ମାଆ କୋଳରେ ରହୁଥିବା ତା ସନ୍ତାନମାନଙ୍କ କଥିତ ଭାଷା ମାତୃଭାଷା । ଏକ ଏକ ଭୂଖଣ୍ଡରେ ବହୁଜନଙ୍କ ମୁଖ ନିଃସୃତ ମନ, ପ୍ରାଣ, ହୃଦୟର ଭାଷା ହେଉଛି ମାତୃଭାଷା । ପ୍ରତ୍ୟେକ ବ୍ୟକ୍ତି ନିଜର ମନର ଭାବକୁ ମାତୃଭାଷା ମାଧ୍ୟମରେ ସୁନ୍ଦର ଭାବରେ ବ୍ୟକ୍ତ କରିପାରେ । ଯାହା ଅନ୍ୟ ଭାଷାରେ କରିପାରେନାହିଁ । ମାତୃଭାଷାର ଉନ୍ନତିରେ ଜାତିର ବିକାଶ ସମ୍ଭବ। ଆମ ମାତୃଭାଷା ଆମ ପରିଚୟ ଆମ ମୂଳଦୁଆ । ତାକୁ ହେୟଜ୍ଞାନ ନକରି କିପରି ବିଶ୍ୱସ୍ତରରେ ପରିଚୟ କରାଇବା ତାହା ଆମର ଦାୟିତ୍ୱ ହେବା ଉଚିତ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ

'ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚ କର ଆଗେ ନିଜ ମାତୃଭାଷା' ।

ଆମ ଭାଷାରେ ଆମ ପରିଚୟ ସୃଷ୍ଟି କରିବା ପାଇଁ ଏଇ ମାଟି ତା କୋଳରେ ଜନ୍ମ ଦେଇଛି ଅନେକ ସୁସାହିତ୍ୟିକ ଏବଂ ଭାଷାପ୍ରେମୀ ମାନଙ୍କୁ । ତାଙ୍କ ପାଇଁ ଆମ ଭାଷା, ଆମ ପରମ୍ପରା ପାଲଟି ଯାଇଛି ଏକ ଅତୁଳନୀୟ ଐଶ୍ୱର୍ଯ୍ୟ ଓ ମହାର୍ଘ ସମ୍ପଦ । ଭାଷାକୁ ନେଇ ଜାତି ଗର୍ବ କରେ । ଯେଉଁ ଜାତିର ଭାଷା ନାହିଁ ସେ ଜାତି କେବେ ଉପରକୁ ଉଠି ନାହିଁ। ତେଣୁ ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ଗୋଟିଏ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଯାହାକୁ ନେଇ ସାରା ବିଶ୍ୱରେ ଫେବୃଆରୀ ୨୧ ତାରିଖ ଦିନ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳିତ ହୋଇଥାଏ । ଚଳିତ ବର୍ଷ ଅନ୍ତର୍ଜାତୀୟ ମାତୃଭାଷା ଦିବସର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରିବାକୁ ଯାଉଛି ରୌପ୍ୟ ଜୟନ୍ତୀ ଉତ୍ସବ । ଭାଷାଭିତ୍ତିକ ବିବିଧତା ରକ୍ଷା କରିବା ଏବଂ ମାତୃଭାଷାକୁ ପ୍ରୋତ୍ସାହିତ କରିବାରେ ୨୫ ବର୍ଷର ନିରନ୍ତର ପ୍ରୟାସ ଜାରିରହିଛି । ଭାଷାଗୁଡ଼ିକର ସୁରକ୍ଷା ପାଇଁ ପ୍ରତିବଦ୍ଧତାକୁ ନବୀକରଣ କରିବାର ଏହା ଏକ ସମୟ । ବହୁଭାଷୀତାକୁ ପ୍ରୋତ୍ସାହିତ କରିବା, ବିପଦପୂର୍ଣ୍ଣ ଭାଷାଗୁଡ଼ିକୁ ସୁରକ୍ଷା ଦେବା ଏବଂ ମାତୃଭାଷାରେ ଅନ୍ତର୍ଭୁକ୍ତ ଶିକ୍ଷାକୁ ଉତ୍ସାହିତ କରିବା ପାଇଁ ଏହି ଦିନ ପାଳନ କରାଯାଏ।

ବିଶ୍ୱରେ ଭାଷା ଏବଂ ସଂସ୍କୃତିର ବିବିଧତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଉଛି । ମାତୃଭାଷାର ସୁରକ୍ଷା ଲାଗି ଏହି ଦିବସରେ ସଚେତନତା ସୃଷ୍ଟି କରାଯାଏ। ଏହି ଦିବସ ଘୋଷଣା କରାଯିବା ଦ୍ୱାରା ୧୯୫୨ର ବାଂଲାଦେଶ ଭାଷା ଆନ୍ଦୋଳନ ଦିବସକୁ ସ୍ମରଣ କ ର । ଯ । ଇ ଥ । ଏ । ଆନ୍ଦୋଳନକାରୀମାନେ ବେଙ୍ଗଲୀ ଭାଷାକୁ ସ୍ୱୀକୃତି ଦେବା ଲାଗି ଲଢେଇ କରୁଥିଲେ। ୨୧ ଫେବୃୟାରୀରେ ବାଂଲାଦେଶୀ ଭାଷା ଆନ୍ଦେଳନରେ ରାଜଧାନୀ ଢାକାରେ ୪ ଜଣ ବେଙ୍ଗଲୀ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ବଳିଦାନକୁ ସମ୍ମାନ ଜଣାଇ ଏହି ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯିବା ପାଇଁ ଜାତିସଂଘ ନିଷ୍ପତ୍ତି ନେଇଥିଲା। ପରେ ଜାତିସଂଘ ସାଧାରଣ ପରିଷଦ ୨୦୦୮କୁ ଅନ୍ତର୍ଜାତୀୟ ଭାଷା ବର୍ଷ ଭାବେ ଘୋଷଣା କରି ପୁଣି ଏହାର ମହତ୍ତ୍ୱକୁ ପ୍ରତିପାଦନ କରିଛି। ଭାଷା ଆମ ସଂସ୍କୃତିର ରକ୍ଷକ। ଭାଷା ଦିବସ ପାଳନ କରାଯିବା ଦ୍ୱାରା ଭାଷାଗତ ବିବିଧତା ଓ ବହୁଭାଷୀ ଶିକ୍ଷାକୁ ସଶକ୍ତ କରିବା ସହ ଭାଷାଗତ ତଥା ସାଂସ୍କୃତିକ ପରମ୍ପରା ପ୍ରତି ସଚେତନତା ସୃଷ୍ଟି କରାଯାଇପାରୁଛି। ଭାଷାକୁ ନେଇ ଜାତି ଗର୍ବ କରେ । ଯେଉଁ ଜାତିର ଭାଷା ନାହିଁ ସେ ଜାତି କେବେ ଉପରକୁ ଉଠି ନାହିଁ। ତେଣୁ ମାତୃଭାଷାର ସୁରକ୍ଷା ଦ୍ୱାରା ହିଁ ଗୋଟିଏ ସମାଜର ପ୍ରତିଷ୍ଠା, ପରମ୍ପରା ଓ ଐତିହ୍ୟର ସୁରକ୍ଷା ସମ୍ଭବ। ଯାହାକୁ ନେଇ ସାରା ବିଶ୍ୱରେ ଫେବୃଆରୀ ୨୧ ତାରିଖ ଦିନ 'ଅନ୍ତର୍ଜାତୀୟ ମାତୃଭାଷା ଦିବସ' ପାଳିତ ହୋଇଥାଏ । ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ହେଉଛି ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ରକ୍ଷା।ପାଶ୍ଚାତ୍ୟ ସଭ୍ୟତାରେ ହଜି ଯିବାକୁ ବସିଥିବା ଆଞ୍ଚଳିକ ଭାଷା ତଥା ମାତୃଭାଷାକୁ ବଞ୍ଚାଇବା ଅନ୍ତର୍ଜାତୀୟ ମାତୃଭାଷା ଦିବସର ମୂଳ ଉଦ୍ଦେଶ୍ୟ । ପ୍ରତିବର୍ଷ ଆଞ୍ଚଳିକ ତଥା ମାତୃଭାଷାଗୁଡ଼ିକୁ ସଂରକ୍ଷଣ କରିବା ତଥା ଭାଷା ଶିକ୍ଷାକୁ ଉତ୍ସାହିତ କରିବା ଦିଗରେଏହା ଧ୍ୟାନ ଦେଇଥାଏ । ଆଞ୍ଚଳିକ ତଥା ମାତୃଭାଷା ହେଉଛି ଜନତାର ପ୍ରଥମ ପ୍ରୟୋଜନ । ଅନ୍ନବସ୍ତ୍ର ପରି ତାର ଦରକାର ନିଜର ଭାଷା । ସେଥିପାଇଁ ଅର୍ଥନୀତି କ୍ଷେତ୍ରରେ ଗାନ୍ଧିଜୀ ବିଦେଶୀ ବର୍ଜନ କରି ସ୍ୱଦେଶୀ ବ୍ୟବହାର କରିବାପାଇଁ ଯେମିତି ଡାକ ଦେଲେ, ଭାଷା କ୍ଷେତ୍ରରେ ସେମିତି ଇଂରେଜି ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବାପାଇଁ ଘୋଷଣା କଲେ । ତାଙ୍କର ଡାକହେଲା କେନ୍ଦ୍ର ଭାଷା ହେବ ହିନ୍ଦୀ ଓ ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକରେ ରାଜ୍ୟଭାଷା ହେବ ଆଞ୍ଚଳିକ ଭାଷା ଅର୍ଥାତ୍ ରାଜ୍ୟ ଲୋକମାନଙ୍କର ମାତୃଭାଷା। ଗାନ୍ଧିଜୀ ମାତୃଭାଷାକୁ ମାତୃ ସ୍ତନ୍ୟ ପରି ମୂଲ୍ୟବାନ ମନେକରୁଥିଲେ । ତାଙ୍କ ଦୃଷ୍ଟିରେ ଯେଉଁ ଲୋକର ମାତୃଭାଷା ପ୍ରତି ମମତା ନାହିଁ, ତାକୁ କେବେ ଦେଶଭକ୍ତ କୁହାଯାଇପାରେନା । ସ୍ୱଭାବକବି ଗଙ୍ଗାଧର ମେହେର ଯଥାର୍ଥରେ କହିଥିଲେ - 'ମାତୃଭୂମି ମାତୃଭାଷାରେ ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନିଗଣରେ ଗଣିବା ଅଜ୍ଞାନ ରହିବେ କାହିଁ ?' ମାତୃଭାଷାର ଉନ୍ନତି ନଘଟିଲେ ଜାତିର ଉନ୍ନତି ଯେ ସୁଦୂର ପରାହତ ହେବ,ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । 'ବିବିଧତା ମଧ୍ୟରେ ଏକତା' ସିଦ୍ଧାନ୍ତକୁ ନେଇ ଭାରତ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାର ସମୃଦ୍ଧ ସାଂସ୍କୃତିକ ପରିବେଶ କ୍ଷେତ୍ରରେ ଭାଷାର ଭୂମିକା ରହିଛି। ଏଣୁ ଭାରତରେ ଏହି ଦିବସ ପାଳନ କରାଯିବାର ଢେର ଗୁରୁତ୍ୱ ଅଛି। ଭାଷାର କୌଣସି ସୀମା ନାହିଁ। ମାତୃଭାଷାର ସୁରକ୍ଷା କରି ଏହାକୁ ସମୃଦ୍ଧ କରାଯାଇପାରିଲେ ବିଶ୍ୱରେ ଶାନ୍ତି, ବିକାଶ ଓ ଏକତା ସହଜରେ ପ୍ରତିଷ୍ଠା ହୋଇପାରିବ। ନିଜର ମାତୃଭାଷାକୁ ହତାଦର କରି କୌଣସି ଜାତି କେବେ ବଡ଼ ହୋଇପାରିବ ନାହିଁ । ଗୋଟିଏ ଜାତିର ଭାଷା ତା'ର ଶ୍ରେଷ୍ଠ ସମ୍ପଦ ଅଟେ । ଭାଷାକୁ ନେଇ ଜାତି ଗର୍ବ କରେ। ମାତୃଭାଷାର ଉନ୍ନତିରେ ଜାତିର ପ୍ରଗତି ସମ୍ଭବ। ଏହି ଦିବସରେ ମାତୃଭାଷାର ଉନ୍ନତି ଏବଂ ସୁରକ୍ଷା ପାଇଁ ସଂକଳ୍ପ ନେବା ଉଚିତ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy**
**E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

## ସନ୍ଦେହ

ବିନୟ ମିଶ୍ର



ସନ୍ଦେହି ମନ ନିତି ଜଳି ପୋଡ଼ି
ଛାରଖାର ହୋଇଯାଏ,
ବିଚଳିତ ହୁଏ ମାନେନାହିଁ ବୋଲ
ବିବେକ ନୀରବେ ଶୁଏ।।

ଯେଉଁଠି ମିଳଇ ଶାନ୍ତ୍ୱନା ପକ୍ଷ
ସେହିଠାରେ ଯାଏ ଜଡି,
ଅସ୍ଥିରତା ଧୀରେ ପ୍ରଶମିତ କରେ
ଏଣେ ତେଣେ ଟିକେ ଘୁରି ।।

ହାର ଜିତ ହସ କାନ୍ଦ ଦୁଃଖ ସୁଖ
କେତେ ସ୍ୱପ୍ନ କଳପନା,
ମାନ ଅଭିମାନ ବିବେକ ଚାବୁକ
ଭାଙ୍ଗି କରିଦିଏ ଚୁନା ।।

ମନ ପରା ସବୁ ଇନ୍ଦ୍ରିୟରୁ ଶ୍ରେଷ୍ଠ
ସବୁ ଦୁଃଖର କାରଣ,
ମନ ବୁଝିଗଲେ ଦୁଃଖ ଲାଗେ ସୁଖ
ଗ୍ରୀଷ୍ମରେ ଆସେ ଶ୍ରାବଣ ।।

ନିଆଳ ଖୋର୍ଦ୍ଧା

## ମଧୁମୟ

ସୁନନ୍ଦା ମହାନ୍ତି

ଯୋଉଠି ରହିଛି ଯାହା
ସେସବୁ ଲାଗୁଛି ଭଲ
କୃଷ୍ଣଚୂଡ଼ା ରଙ୍ଗ ନାଲି
ଫୁଟିଛି କେତେ ଯେ ଫୁଲ
ମନ ତଳେ ପ୍ରଜାପତି


ନିତି ନିତି ହୁଏ ଗେଲ
ସାଧବ ବୋହୁର ଚାଲି
ଲାଗଇ ଅମୂଲ ମୁଲ
ଟଗର ତରାଟ ହେନା ଜୁଇ

ଡ଼ାଳରେ ଦିଶଇ ଭଲ
ପ୍ରଭୁ ପାଦ ତଳେ ସମର୍ପିଲେ
ଲାଗେ ସ୍ୱର୍ଗୀୟ ସୁଷମା ତୁଲ
ବଗିଚାରେ ଭଅଁର ଗୁଣୁ ଗୁଣୁ ସ୍ୱର
ମହୁମାଛି କଣ୍ଢେ ନିର୍ମାଲ୍ୟ

ନହେଲେ ଏତେ କୁହୁକ କେମିତି
ହେଉଥାନ୍ତା ସମତୁଲ
ଆଖି ବୁଝିଗଲେ ମନ ବୁଝେନା
ଆକାଶେ ଦେଖି ଉଲକା ଝୁଲ
ମନ ବୁଝିଗଲେ ଆଖି ତ ବୁଝେନା
ରାତି ପାହିଲେ ଗୋଟେ ନାହିଁ ତାରାଫୁଲ

କବିତା ବନିତା ଲତାଙ୍କ କୁହୁକ
ବୁଝିବାକୁ ଓଢଣା ତଳ ମୂଲ୍ୟ
ମାଆର ମମତା ବାପାଙ୍କ ଆକଟ
ସହୋଦର ପ୍ରୀତି ମୈତ୍ରୀ ନୁହେଁ ଭେଜାଲ
ଆଗ ଆଗେ ବାଟ ଚାଲୁଛି କାଇଁଚ
ପଛରେ ଛାଡି ହଳକ ଚପଲ

ଗାନ୍ଧିବୁଢ଼ା ଅଣ୍ଟା ଘଣ୍ଟା ସାଥେ ଖଦଡ଼
ପୋଷାକ ଫୁଟିଲା ସ୍ୱାଧୀନତା ଫୁଲ
ତିନିମାଙ୍କଡ଼ଙ୍କ ସତ୍ୟ ଆଜି ବି ଖୋଜେ
କିଏ ଭଲ କିଏ ଭେଲ
ମଣିଷପଣିଆ ଜଗାଇ ଜାଗୃତି ଆଣିବାକୁ
ଜନ୍ମ ନେବେ ବରପୁତ୍ର କରି କମାଲ



ମନ ତାଙ୍କ ସ୍ୱର୍ଗ କର୍ମ ପୂର୍ଣ୍ଣକୁମ୍ଭ
ସତେ କାଗଜ ରୁମାଲ

ସାକ୍ଷୀଗୋପାଳ
ପୁରୀ , ମୋ-୯୦୪୦୯୭୭୩୨୭

## ଅନୁପମ ଫଗୁଣ

ଆଦ୍ୟାଶା ମହାପାତ୍ର

ମନସ୍ୱିନୀ ମାଟି ମମତା ଆବେଶେ ବନ୍ଧା ପରା ମଧୁମାସ
ନିୟତି ନିୟମେ ଋତୁଚକ୍ର ପରେ ଫେରେ ତା ଖୁସି ଉଲ୍ଲାସ,
ଖୁସିର ସନ୍ଦେଶ ବାଣ୍ଟିବାକୁ ଏବେ ଫଗୁଣ ଛୁଅଁଇ ଧରା
ମିଠା ପଣ ଧରି ପ୍ରାବୀଣ୍ୟ ପବନ ବିଞ୍ଚଇ ମଳୟ ପରା ।।

ସହକାର କୁଞ୍ଜେ ଭାଟ ସାଜି ପିକ ଗୁଞ୍ଜେ ଫଗୁଣର ବାର୍ତ୍ତା
ନାହିଁ ଖରା ନାହିଁ ଶୀତର ପ୍ରାବଲ୍ୟ ବିଜେ ଦୁଃଖ ଅପହର୍ତ୍ତା,
ନୀଳ ଆକାଶର ଅନୁରାଗ ଫଲଗୁ ତଟିନୀରେ ଅବିରଳ
ନୀଳକଇଁ ହସେ ସ୍ନିଗ୍ଧ ଜ୍ୟୋସ୍ନାରେ ପ୍ରୀତିରାଗେ ଛଳଛଳ ।।

ଦୃଶ୍ୟ ବିଲ ବଣେ ପର୍ବତ କାନନେ ଫଗୁଣର ଚାରୁଚିତ୍ର
ସସାଗରା ଧରା ଖୁସି ଉଲ୍ଲାସର ମହୋତ୍ସବେ ପୁଲକିତ,
ଭ୍ରମର ଗୁଞ୍ଜନେ ପ୍ରେମର ପୂରବୀ କୁମୁଦିନୀ ପ୍ରୀତିଲଗ୍ନା
ଫଗୁଣ ମାୟାରେ ପିଆସୀ ତନୁରେ ମନ୍ଦ୍ରିତ ଉନ୍ମାଦନା ।।

ଦୋଳ ବିମାନରେ ମିଳନ ମାଧୁର୍ଯ୍ୟ ବର୍ଣ୍ଣବିଭା କୋଟିକମ
ଅସୁମାରି ସ୍ୱପ୍ନ ସମ୍ଭାବନା ନେଇ ଫଗୁଣ ଯେ ଅନୁପମ ।।



ନୂଆପଡା, କଟକ

## ସମୟର ଗୀତ ଲେଖୁଛି ବସନ୍ତ

ସୁଜିତ୍ କୁମାର ମିଶ୍ର

ଆମ୍ର କୁଞ୍ଜବନେ ବାସୁଛି ବଉଳ
ଶୁଭୁଅଛି କୁହୁତାନ,
ଅବିର ରଙ୍ଗରେ ଭାସୁଛି ମରତ
ବହି ମୃଦୁ ସମୀରଣ ।

ଯାତନା ଯାଇଛି ବସନ୍ତ ଆସିଛି
ଚାରିପଟେ ଭାବ ହାଟ,
ତୁମ ପ୍ରତୀକ୍ଷାର ଶେଷ ଆଜି ଲାଗେ
ଦେଖି ଚାରୁ ଚିତ୍ରପଟ।

ସଖି ତୁମେ ମୋର ପ୍ରୀତି ଶିହରଣ
ଜୀବନର ଚଲାପଥେ,
ହାତ ଧରି ନିତି ଚାଲୁଥାଅ ସାଥେ
ପତ୍ରଝଡା ଆସୁ ଯେତେ ।

ଶୁଣ ବସନ୍ତର ରାଗ ଗୁଞ୍ଜରିତ
ଛାଡି ବୃଥା ଅଭିମାନ,
ମନ ମନ୍ଦିରକୁ ସଜାଅ ଫୁଲରେ
ମଧୁମାସ ଆଗମନ ।

ପ୍ରତୀକ୍ଷାରେ ଏଠି କୁଞ୍ଜବନ ହସେ
ଦେଖିବାକୁ ରାସ କେଳି,
ଅଧିର ହେଲାଣି ବଂଶୀ ସ୍ୱନ ପୁଣି
ବାଜିବାକୁ ଆଜିକାଲି ।

ମଧୁ ମିଳନର ମାଦକତାରେ ମୁଁ
ଉତ୍ସବ ମୁଖର ନିତି,
ସମୟର ଗୀତ ଲେଖୁଛି ବସନ୍ତ
ଆମପାଇଁ ଦିନରାତି ।

ମନକୁ କରିଛି ବସନ୍ତର ଶୋଭା
ମିଳନର ଅଭିସାରେ,
ଶେଷ ହେବ ଆହା ବୈଶାଖ ଯନ୍ତ୍ରଣା
ଅନୁରାଗ ବର୍ଷାଧାରେ ।



ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ବସନ୍ତର ଆଖି

ନାରାୟଣ ପ୍ରସାଦ ରାଉଳ


ଖୋଲିଲେ ତ ପୁଲକ
ଖେଳି ଯାଏ ଶିହରଣ
ଆପାଦ ମସ୍ତକ
ପହଁରିଯାଏ ଦିଗବଳୟ ଡେଇଁ
ଛୁଇଁଯାଏ ସ୍ୱପ୍ନ ହେଇ
ସବୁ ସନ ଠିକ୍ ଏଇ ସମୟରେ
ଡେଣାରେ ସବାର ହେଇ।

ସତେଜ ହୁଏ ଶରୀର
ଫେରିଆସେ କାନ୍ତି
ଚାଦର ତଳେ ଢାଙ୍କିଥିବା
ଦେହର ମୁକ୍ତି
ଅପରାହ୍ଣ ବଗିଚାରେ
ପ୍ରଜାପତି ଭିଡ଼
ବାହୁଡ଼ା ବିହଙ୍ଗମ
ପ୍ରଶାନ୍ତ ଝଡ।

ହଳଦୀ ଲେପିଛି ଦେହେ
କଉରବ ରାଣୀ
ଲୋଚନ ଖୋଲୁଚି
ପ୍ରୀତିର ପରଶ
ଅତର ଅନ୍ତର ଜିଣି
ଏଇ ପରି ଆସୁଥାଉ
ଋତୁରାଜ ଅନ୍ତକରି
ବନବାସ ବିରହ ରାଗିଣୀ।

ସତେ ଯେମିତି ଲୋଡ଼ାଥାଏ
ମଲ୍ଲିର ବାସ୍ନା
ଚନ୍ଦ୍ରର ଜ୍ୟୋସ୍ନା
ନୀଳ ନିସୀମ ଆକାଶର
ମୁକ୍ତ ବିହଙ୍ଗ ମନ
ସାଗର ଲହରୀ
ଛୁଇଁବାକୁ ଆସୁଥିବା
ନିଶ୍ଚିତ ବେଳାଭୂମି ମନ।

ପରଦା ଛୁଇଁଯାଏ ଠାଣି
ମନ ଜାଣି
ଚୋରା ଚାହାଁଣୀ
ବୟସ ନ ପାରେ ଜାଣି
ପୃଥିବୀ ଛାତିରେ
ଖେଳେ ଆକାଶର ମଣି
ବିଭାବରୀ ଖୋଲିଲେ
ଓଢ଼ଣୀ
ଆଲିଙ୍ଗନ କରେ
ଯଉବନ ବେଣୀ।



କଷଣଅଣ୍ଟା, ପଟ୍ଟାମୁଣ୍ଡାଇ, କେନ୍ଦ୍ରପଡା, ଓଡିଶା

## ପ୍ରୀତି ଫୁଲ

ନଳିନୀ ଦାଶ

ମନ ବଗିଚାରେ ମହକ ଛୁଟେଇ
ଫୁଟାଇଲ ପ୍ରୀତି ଫୁଲ
କହି ଦେଇଥିଲ ଦୁନିଆକୁ ଭୁଲି
ପାଉଛି ତୁମକୁ ଭଲ ।
କେତେ ଯେ ସପନ ଦେଖିଛି ଏ ମନ
ତୁମେ ମୋର ମଧୁମତୀ
ଉଆଁସ ଅନ୍ଧାରେ ପ୍ରିୟତମା ତୁମେ
ପୁନେଇଁର ଜହ୍ନରାତି ।
ଫୁଟାଇଛ ହୃଦେ ପ୍ରୀତିର ଗୋଲାପ
ମୋ ମନ ପାରିଛ କିଣି
ତୁମ ପରି ସାଥି ପାଇ ମୋ ଜୀବନେ
ଦୁନିଆକୁ ଗଲି ଜିଣି ।
ମୋ ପ୍ରିୟା ସୁନ୍ଦର ଜହ୍ନ ତାରା ଠାରୁ
ଫୁଲଠୁ କୋମଳ ଅତି
ହସିଦେଲେ ଥରେ ତାର ଓଠ ଧାରେ
ଝରି ପଡେ ହୀରା ମୋତି ।
ପାଦର ଘୁଙ୍ଗୁର ଛମ୍ ଛମ୍ ବାଜେ
ମୋ ହୃଦୟ ଉପ୍ବନେ
ତୁମ ପାଇଁ କେତେ ସପନ ସଉଧ
ତୋଳିଛି ଏଇ ମୋ ମନେ ।
ତୁମ ମନ ପ୍ରାଣ ପ୍ରେମ ପ୍ରୀତି ଗୀତି
ଜୀବନର ଶ୍ରେଷ୍ଠଧନ
ସପନ ରାଇଜ ପରୀଟିଏ ସାଜି
କିଣି ନିଅ ମୋର ମନ ।
ତୁମ ହସ ଲୁହ ପ୍ରୀତି ଫୁଲ ହୋଇ
ଫୁଟିଛି ଏ ମନ ବନେ
ମଉଳିବା ଆଗୁ ଗୋଲାପ ସୁରଭି
ଛୁଟାଇ ଦିଅ ଜୀବନେ ।



ଭିକାରିପଡା, ଶରଣକୁଳ,
ନୟାଗଡ଼
ମୋ -୯୨୩୮୯୯୬୬୪୯

## ପୂର୍ବାଭାଷ

ଡ. ଦୀପକ କୁମାର ମିଶ୍ର

ପ୍ରସ୍ଥାନର ପୂର୍ବାଭାଷ ଲିପିବଦ୍ଧ ଥାଏ
ସେଇଥି ପାଇଁ ତ
ମିଳନ ପୂର୍ବରୁ
ବିଚ୍ଛେଦର ଜ୍ୱାଳାକୁ ଚଳୁକରି
ବହୁଦିନୁ ପିଇ ସାରିଥିଲି ।

ତୁମେ ଯିବ ଯଦି ଯାଅ,
ତୁମକୁ ଅଟକେଇବାର ଧୃଷ୍ଟତା
ମୁଁ କରିବିନି କେବେ ।

ଉଦ୍ୟତ ପାଦ, ଗର୍ଭବତୀ ମେଘ
ନଈରୂପୀ ଯୌବନ
ଉଛୁଳା ଆଖି
ଏମାନଙ୍କୁ ଅଟକେଇ ହୁଏନି କେବେ
ପୃଥୁଳାକାୟ କୋହର ଦୈର୍ଘପ୍ରସ୍ଥ
କାଳେ ବଢ଼ିଯାଏ ବୋଲି ।

ତୁମେ ତ ଯିବ ଯିବ କହି ଗୋଡ଼ କାଢ଼ି ବସିଚ
ଶରୀରରୁ ଆତ୍ମା ଗଲା ପରି
ତୁମ ଗୋପନ ବୃତ୍ତାନ୍ତର
ସଂଜ୍ଞାନ ନେବା
ଖାସ୍ ସୁନ୍ଦର ବାହାନାବାଜିର
ଏକ ପ୍ରାୟୋଜିତ ପର୍ବ ।

ମୁଁ ଜାଣେ
ତୁମ ଆଗମନ ଭିତରେ ହିଁ



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

## କିଏ ଆଉ ଜଳିନି ଏଠ

ଅନସୂୟା ପଣ୍ଡା

କିଏ ଆଉ ଜଳିନି ଏଠି
ଜଳିବା ଭିତରେ
ଚିମୁଟାଏ ଖୁସିର ଆଦ୍ରର୍ତା
ଜୀବିତ ରଖିଛି ସମୟ
ଛନ୍ଦମୟ ଜୀବନ ଚିତ୍ର
ଡହଡହ ନିଦାଘରେ।
ମେଘ ତୃପ୍ତ ରାଗିଣୀ ବି
କେବେ କେବେ ତୋଳିଛି
ଦେହ ଦାହ ଦୁନିଆଁରେ
ମୋହର ମୁରଲୀ ନୀଳ ରଙ୍ଗ ଭରିଛି
କେବେ ପାପୁଲିଏ ପୁଲକ ନେଇ
ଜହ୍ନର କିରଣ ମନକୁ ଛୁଇଁଛି।
କେବେ ଅସହ୍ୟ ଯନ୍ତ୍ରଣା
ମନର ଦରଜ ଭେଦିଛି

ତଥାପି ଜିଇଁବା ଛାଡ଼େନି ମଣିଷ
ଗରାଏ ଗରଳ ପିଇ ସମ୍ପର୍କ
ଖୋଜେ ଜୀବନ ପୀୟୂଷ।
ମାୟାର ସୁଅରେ ଟାଣିହେଇ
ଯାଏ ଧରି ଅଶେଷ ଅବସୋସ
ଅଙ୍କୁରିତ ବିନ୍ଦୁବିନ୍ଦୁ ଆଶାର ଧରି
ଅନୁପ୍ରାସ
କାଳେ କେହିଜଣେ ମିଳିଯିବ
ଅପରିଜ୍ଞାତ
ଛଳନାର ଭିତରେ ପୁରୋଗତ ବିଶ୍ୱସ୍ତ
ପୁନଃଶ୍ଚ ତିଆରିବା ନୂଆ ଏକ ସଂସାର
ଅବଶିଷ୍ଟ ଅହଂର କରି ଆଚମନ



ବୁର୍ଲା,
ସମ୍ବଲପୁର,
୭୬୮୦୧୮

# ଚତୁର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ୧୧,୦୦୦ ରନ ପୂରଣ କଲେ ରୋହିତ

**ଦୁବାଇ**




ରୋହିତ ଶର୍ମା ଦିନିକିଆ କ୍ରିକେଟ ଇତିହାସରେ ୧୧,୦୦୦ ରନ ପୂରଣ କରିଛନ୍ତି । ବାଂଲାଦେଶ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍ ରୋହିତ ତାଙ୍କ କ୍ୟାରିୟରରେ ୧୦,୯୮୮ ରନ କରିଥିଲେ । ରୋହିତ ଶର୍ମା ବାଂଲାଦେଶ ବିପକ୍ଷ ଇନିଂସରେ ମାତ୍ର ୧୨ ରନ କରି ୧୧,୦୦୦ ରନ ପୂରଣ କରିଥିଲେ । ଏବେ ରୋହିତ ଏପରି କରିବାରେ ଚତୁର୍ଥ ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି । ରୋହିତ ଶର୍ମାଙ୍କ ପୂର୍ବରୁ କେବଳ ତିନି ଜଣ ଭାରତୀୟ ବ୍ୟାଟ୍ସମ୍ୟାନ ଏକଦିବସୀୟ ମ୍ୟାଚ୍‌ରେ ୧୧,୦୦୦ ରନ ପୂରଣ କରିଛନ୍ତି । ଏହି ତାଲିକାର ଶୀର୍ଷରେ ଅଛନ୍ତି ସଚିନ ତେନ୍ଦୁଲକର, ଯିଏ ତାଙ୍କ ଦିନିକିଆ କ୍ୟାରିୟରରେ ୧୮,୪୨୬ ରନ କରିଥିଲେ । ବିରାଟ କୋହଲି ଏପର୍ଯ୍ୟନ୍ତ ୧୩,୯୬୩ ରନ କରିଛନ୍ତି । ତୃତୀୟ ସ୍ଥାନରେ ସୌରଭ ଗାଙ୍ଗୁଲି ଅଛନ୍ତି, ଯିଏ ତାଙ୍କ ଦିନିକିଆ କ୍ୟାରିୟରରେ ୧୧,୨୨୧ ରନ କରିଥିଲେ । ସଚିନ ତେନ୍ଦୁଲକର – ୧୮,୪୨୬ ରନ । ବିରାଟ କୋହଲି – ୧୩,୯୬୩ ରନ । ସୌରଭ ଗାଙ୍ଗୁଲି – ୧୧,୨୨୧ ରନ । ରୋହିତ ଶର୍ମା – ୧୦,୦୦୦+ ରନ ।

# ଗିଲ୍‌ଙ୍କ ଶତକ : ବାଂଲାଦେଶକୁ ୬ ୱିକେଟରେ ହରାଇଲା ଟିମ୍ ଇଣ୍ଡିଆ

**ଦୁବାଇ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ର ପ୍ରଥମ ମ୍ୟାଚ୍‌ରେ, ଭାରତୀୟ ଦଳ ବାଂଲାଦେଶକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ବାଂଲାଦେଶ ଦଳର ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ବାଂଲାଦେଶ ଭାରତ ପାଇଁ ୨୨୯ ରନର ଟାର୍ଗେଟ ରଖିଥିଲା । ବାଂଲାଦେଶ ଦଳ ୨୨୮ ରନରେ ଅଲଆଉଟ ହୋଇଯାଇଥିଲା । ଜବାବରେ, ଭାରତ ଗିଲ୍‌ଙ୍କ ୧୨୯ ବଲ୍‌ରୁ ୯ ଚୌକା ଏବଂ ୨ଟି ଛକା ସହାୟତାରେ ଅପରାଜିତ ୧୦୧ ରନ ବଳରେ ୪୬.୩ ଓଭରରେ ୪ ୱିକେଟ ହରାଇ ୨୩୧ ରନ କରି ମ୍ୟାଚ୍ ଜିତି ନେଇଥିଲା । ସେହିପରି ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫିରେ ବିଜୟ ସହିତ ତା'ର ଅଭିଯାନ ଆରମ୍ଭ କରିଛି ।



ଟାର୍ଗେଟର ପିଛା କରି ଅଧିନାୟକ ରୋହିତ ଶର୍ମା ଏବଂ ଗିଲ୍ ଭାରତକୁ ଭଲ ଆରମ୍ଭ ଦେଇଥିଲେ କିନ୍ତୁ ରୋହିତ ୪୧ ରନ କରି ଆଉଟ ହୋଇଯାଇଥିଲେ । ଏହା ପରେ ଦଳ ବିରାଟ କୋହଲି, ଶ୍ରେୟସ ଆୟର ଏବଂ ଅକ୍ଷର ପଟେଲଙ୍କ ୱିକେଟ ହରାଇଥିଲା । କୋହଲି ୨୨ ରନ, ଶ୍ରେୟସ ୧୫ ଏବଂ ଅକ୍ଷର ୮ ରନ କରିଥିଲେ । ଏହା ପରେ କେଏଲ ରାହୁଲ ଗିଲ୍‌ଙ୍କ ସହିତ ପଞ୍ଚମ ୱିକେଟ ପାଇଁ ୮୭ ରନର ଅପରାଜିତ ଭାଗୀଦାରି କରିଥିଲେ । କେଏଲ ରାହୁଲ ୪୭ ବଲ୍‌ରେ ଗୋଟିଏ ଚୌକା ଓ ଦୁଇଟି ଛକା ସହାୟତାରେ ୪୧ ରନ କରି ଅପରାଜିତ ରହିଥିଲେ । ବାଂଲାଦେଶ ପକ୍ଷରୁ ରିଶାଦ ହୋସେନ ଦୁଇଟି ଉଇକେଟ ନେଇଥିବା ବେଳେ ତସ୍କିନ ଅହମ୍ମଦ ଏବଂ ମୁସ୍ତାଫିଜୁର ରହମାନ ଗୋଟିଏ ଲେଖାଏ ୱିକେଟ ପାଇଥିଲେ ।

ପୂର୍ବରୁ, ତୌହିଦ ହୃଦୟଙ୍କ ଶତକ ଏବଂ ଜାକିର ଅଲିଙ୍କ ଅର୍ଦ୍ଧଶତକ ବଳରେ ବାଂଲାଦେଶ ଭାରତକୁ ବିଜୟ ପାଇଁ ୨୨୯ ରନର ଟାର୍ଗେଟ ଦେଇଥିଲା । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ, ବାଂଲାଦେଶର ପରିସ୍ଥିତି ଏକ ସମୟରେ ଖରାପ ଥିଲା ଏବଂ ସେମାନେ ମାତ୍ର ୩୫ ରନରେ ପାଞ୍ଚଟି ଉଇକେଟ ହରାଇଥିଲା । କିନ୍ତୁ ଜାକିର ଏବଂ ହୃଦୟ ଏକ ଚମତ୍କାର ଭାଗୀଦାରି କରି ବାଂଲାଦେଶର ଇନିଂସକୁ ରକ୍ଷା କରିଥିଲେ । ଏହି ଦୁଇଟି ଇନିଂସ ସହାୟତାରେ ବାଂଲାଦେଶ ୪୯.୪ ଓଭରରେ ୨୨୮ ରନ କରିପାରିଥିଲା । ହୃଦୟ ୧୧୮ ବଲରେ ୬ ଚୌକା ଏବଂ ୨ଟି ଛକା ସହାୟତାରେ ୧୦୦ ରନ କରିବା ପରେ ପାଭିଲିୟନ ଫେରିଥିଲେ ।

ମହମ୍ମଦ ଶାମିଙ୍କ ନେତୃତ୍ୱରେ ବୋଲରମାନେ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ । ମ୍ୟାଚରେ ଶାମି ପାଞ୍ଚଟି ୱିକେଟ ନେଇଥିବା ବେଳେ ହର୍ଷିତ ରାଣା ତିନୋଟି ଏବଂ ସ୍ପିନର ଅକ୍ଷର ପଟେଲ ଦୁଇଟି ୱିକେଟ ନେଇଥିଲେ ।

## ଆଜି ଚାମ୍ପିଅନ୍ସ ଟ୍ରଫିରେ...

ଆଫଗାନିସ୍ତାନ ବନାମ ଦକ୍ଷିଣ ଆଫ୍ରିକା (କରାଚି)

# ଦିନିକିଆ ଫର୍ମାଟରେ ଦ୍ରୁତତମ ୨୦୦ ୱିକେଟ ହାସଲ କଲେ ମହମ୍ମଦ ଶାମି

**ଦୁବାଇ**



ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ବିପକ୍ଷରେ ମହମ୍ମଦ ଶାମି ଇତିହାସ ରଚିଛନ୍ତି । ସେ ଜାକେର ଅଲିଙ୍କ ରୂପରେ ତାଙ୍କର ୨୦୦ତମ ଦିନିକିଆ ଉଇକେଟ ପୂରଣ କରିଥିଲେ । ସେ ମିଚେଲ ଷ୍ଟାର୍କଙ୍କ ପରେ ଦ୍ୱିତୀୟ ବୋଲର ଭାବରେ ଦିନିକିଆ ଫର୍ମାଟରେ ଦ୍ରୁତତମ ୨୦୦ ଉଇକେଟ ହାସଲ କରିଛନ୍ତି । ବାଂଲାଦେଶ ବିପକ୍ଷରେ ଚାମ୍ପିଅନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍ ହେଉଛି ମହମ୍ମଦ ଶାମିଙ୍କ ୧୦୪ତମ ଦିନିକିଆ ମ୍ୟାଚ । ଏହି ମ୍ୟାଚ୍‌ରେ ପ୍ରଥମ ଓଭରରେ ଶାମି ଗୋଟିଏ ଉଇକେଟ ନେଇଥିଲେ । ସେ ସୌମ୍ୟ ସରକାରଙ୍କୁ ଶୂନ୍ୟରେ ବୋଲ୍ଡ କରିଥିଲେ । ପାୱାରପ୍ଲେରେ ହିଁ ସେ ମେହିଦି ହାସନଙ୍କ ରୂପରେ ଆଉ ଏକ ବଡ଼ ଉଇକେଟ ନେଇଥିଲେ ।

ଜାକେର ଅଲି ୬୮ ରନ କରିବା ପରେ ଖେଳୁଥିଲେ । ୪୩ତମ ଓଭରର ଚତୁର୍ଥ ବଲ୍‌ରେ ବିରାଟ କୋହଲିଙ୍କ ହାତରେ କ୍ୟାଚ କରାଇ ଶାମି ତାଙ୍କର ୨୦୦ତମ ଦିନିକିଆ ଉଇକେଟ ପୂରଣ କରିଥିଲେ । ଶାମି ୨୦୦ ଦିନିକିଆ ଉଇକେଟ ନେବାରେ ଦ୍ୱିତୀୟ ଦ୍ରୁତତମ ବୋଲର ହୋଇଥିଲେ । ପ୍ରଥମ ସ୍ଥାନରେ ଅଛନ୍ତି ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ, ସେ ୧୦୨ ମ୍ୟାଚ ଖେଳି ଏହି ସଂଖ୍ୟା ହାସଲ କରିଛନ୍ତି । ଶାମି ୧୦୪ଟି ମ୍ୟାଚ୍‌ରେ ୨୦୦ ଉଇକେଟ ପୂରଣ କରିଥିଲେ । ଭାରତ ପାଇଁ ଦିନିକିଆରେ ସର୍ବାଧିକ ଉଇକେଟ ନେଇଥିବା ବୋଲର ହେଉଛନ୍ତି ଅନିଲ କୁମ୍ବଲେ । ସେ ୨୭୧ଟି ମ୍ୟାଚ ଖେଳି ୩୩୭ ରନ କରିଛନ୍ତି ।

୧. ଅନିଲ କୁମ୍ବଲେ (୩୩୭), ୨. ଜଭଗଲ ଶ୍ରୀନାଥ (୩୧୫), ୩. ଅଜିତ ଅଗରକର (୨୮୮), ୪. ଜାହିର ଖାନ (୨୮୨), ୫. ହରଭଜନ ସିଂହ (୨୬୯), ୬. କପିଳ ଦେବ (୨୫୩), ୭. ରବିନ୍ଦ୍ର ଜାଡେଜା (୨୨୬), ୮. ମହମ୍ମଦ ଶାମି (୨୦୦) ।

## ଭାରତ ବିପକ୍ଷ ଲଢ଼େଇ ପୂର୍ବରୁ ପାକିସ୍ତାନକୁ ବଡ଼ ଝଟ୍‌କା

# ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ଫଖର ଜମାନ

**ଇସ୍‌ଲାମାବାଦ**

ଭାରତ ବିପକ୍ଷ ଚାମ୍ପିୟନ୍ସ ଟ୍ରଫି ମ୍ୟାଚ୍ ପୂର୍ବରୁ ଆୟୋଜକ ପାକିସ୍ତାନକୁ ବଡ଼ ଝଟ୍‌କା ଲାଗିଛି । ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫିର ଆୟୋଜନ କରୁଥିବା ବେଳେ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳିବ । ତେଣୁ ଭାରତ ବିପକ୍ଷ ମ୍ୟାଚ୍ ଖେଳିବା ପାଇଁ ପାକିସ୍ତାନ ଟିମ୍ ଦୁବାଇ ଗସ୍ତ କରିଛି । ଆସନ୍ତା ୨୩ ତାରିଖରେ ଭାରତ ଓ ପାକିସ୍ତାନ ଦୁବାଇ ଷ୍ଟାଡିୟମରେ ମୁହାଁମୁହିଁ ହେବେ । କିନ୍ତୁ ଏହି ମହା ମୁକାବିଲା ପୂର୍ବରୁ ପାକିସ୍ତାନକୁ ଲାଗିଛି ବଡ଼ ଝଟ୍‌କା । ଦଳର ଷ୍ଟାର ବ୍ୟାଟର ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି । ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନର ମୁକାବିଲା ନ୍ୟୁଜିଲାଣ୍ଡ ସହ ହୋଇଥିଲା । କିନ୍ତୁ ଏହି ମ୍ୟାଚ୍‌ରେ ପାକିସ୍ତାନ ୬୦ ରନରେ ହାରିଛି । ତେଣୁ ଭାରତ ବିପକ୍ଷ ମ୍ୟାଚ୍ ପାକିସ୍ତାନ ପାଇଁ କର ବା ମର ସ୍ଥିତି ସୃଷ୍ଟି କରିଛି । ଏପରି ସ୍ଥିତିରେ ଦଳର ଷ୍ଟାର ବ୍ୟାଟର ଫଖର ଜମାନ ଆହତ ସମସ୍ୟା ଯୋଗୁ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି । ଏଥିପାଇଁ ସେ ପାକିସ୍ତାନ ଟିମ୍ ସହ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ଦୁବାଇ ଗସ୍ତ କରି ନାହାନ୍ତି ।




କରାଚି ନ୍ୟାସନାଲ ଷ୍ଟାଡିୟମରେ ଜମାନ ବୁଧବାର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରିଥିଲେ । ପ୍ରଥମ ଓଭରରେ ହିଁ ସେ ଗୋଟିଏ ବଲ୍‌କୁ ଅଟକାଇବା ବେଳେ ମାଂସପେଶୀ ଜନିତ ସମସ୍ୟାରେ ପଡ଼ିଥିଲେ । ତାଙ୍କୁ ତୁରନ୍ତ ମେଡିକାଲ ସୁବିଧା ଯୋଗାଇ ଦିଆଯାଇଥିଲା । ଆହତ ସମସ୍ୟା ଯୋଗୁ ସେ ପଡ଼ିଆ ଛାଡ଼ିଥିଲେ । ଜମାନ ସାଧାରଣତଃ ଓପନ କରନ୍ତି । କିନ୍ତୁ ଆହତ ସମସ୍ୟା ଯୋଗୁ ସେ ୪ନଂରେ ବ୍ୟାଟିଂ କରିବାକୁ ଆସିଥିଲେ ।

ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୪୧ ବଲର ସାମ୍ନା କରି କେବଳ ୨୪ ରନ କରିପାରିଥିଲେ । ଆହତ ସମସ୍ୟା ଯୋଗୁ ସେ ଠିକ୍ ଭାବେ ରନ ମଧ୍ୟ ନେଇ ପାରୁ ନଥିବା ଦେଖାଯାଇଥିଲା । ମ୍ୟାଚ୍ ପରେ ତାଙ୍କ ଆହତ ସମସ୍ୟା ଗୁରୁତର ଥିବାରୁ ସେ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି । ଏକଥାକୁ ନିଜେ ଜମାନ ଓ ପାକିସ୍ତାନ କ୍ରିକେଟ ବୋର୍ଡ ନିଶ୍ଚିତ କରିଛି ।

ଫଖର ଜମାନ ଚାମ୍ପିୟନ୍ସ ଟ୍ରଫିରୁ ବାଦ୍ ପଡ଼ିବାରୁ ତାଙ୍କ ବଦଳ ଖେଳାଳି ଭାବେ ଅନ୍ୟତମ ଓପନର ଇମାମ ଉଲ ହକ୍‌ଙ୍କୁ ସ୍ଥାନ ଦିଆଯାଇଛି । ଇମାନ ଏଯାଏ ୭୨ଟି ଦିନିକିଆରେ ୪୮.୨୭ ହାରରେ ୩୧୩୮ ରନ କରିଛନ୍ତି । ଏହା ମଧ୍ୟରେ ୯ଟି ଶତକ ଓ ୨୦ଟି ଅର୍ଦ୍ଧଶତକ ରହିଛି । ସେ ଶେଷଥର ପାଇଁ ୨୦୨୩ରେ ପାକିସ୍ତାନ ପାଇଁ ଦିନିକିଆ ମ୍ୟାଚ୍ ଖେଳିଥିଲେ ।

ଭାରତ ମାଟିରେ ଅନୁଷ୍ଠିତ ବିଶ୍ୱକପରେ ତାଙ୍କୁ ଦେଖିବାକୁ ମିଳିଥିଲା । ତେବେ ଜମାନ ବାଦ୍ ପଡ଼ିବା ପାକିସ୍ତାନ ପାଇଁ ଶୁଭସଙ୍କେତ ନୁହେଁ । କାରଣ ଜମାନ ଜଣେ ବିସ୍ଫୋରକ ବ୍ୟାଟର । ୨୦୧୭ରେ ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ପ୍ରଥମଥର ପାଇଁ ଜିତିଥିଲେ । ଫାଇନାଲରେ ଦଳ ଚୀରପ୍ରତିଦ୍ୱନ୍ଦ୍ୱୀ ଭାରତକୁ ହରାଇ ଥିଲା । ଏହି ମ୍ୟାଚ୍‌ରେ ଫଖର ବିସ୍ଫୋରକ ଶତକୀୟ ଇନିଂସ ଖେଳିଥିଲେ । ଏବେ ଭାରତ ବିପକ୍ଷ ମ୍ୟାଚ୍‌ରୁ ସେ ବାଦ୍ ପଡ଼ିବା ନିଶ୍ଚିତ ଭାବେ ପାକିସ୍ତାନର ଚିନ୍ତାକୁ ବଢ଼ାଇ ଦେଇଛି ।

ପାକିସ୍ତାନର ସଂଶୋଧିତ ସ୍କ୍ୱାଡ୍ : ମହମ୍ମଦ ରିଜୱାନ(ଅଧିନାୟକ), ବାବର ଆଜମ, ଇମାମ ଉଲ ହକ, କମରାନ ଗୁଲାମ, ସୌଦ ସକୀଲ, ତାୟାବ ତାହିର, ଫହୀମ ଅଶର୍ଫ, କୁଶଦିଲ ଶାହ, ସଲମାନ ଅଲୀ ଆଘା, ଉସମାନ ଖାନ, ଅବରାର ଅହମଦ, ହ୍ୟାରିଶ ରୌଫ, ମହମ୍ମଦ ହସନୈନ, ନସୀମ ଶାହ, ଶାହୀନ ଶାହ ଆଫ୍ରିଦି ।

# ଭାରତ-ପାକିସ୍ତାନ ମ୍ୟାଚ୍‌କୁ ନେଇ ବଡ଼ ଭବିଷ୍ୟବାଣୀ କଲେ ଆଇଆଇ ବାବା



**ମୁମ୍ବାଇ**

ଆଇସିସି ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନ ମୁକାବିଲାକୁ ନେଇ ସାରା ବିଶ୍ୱର କ୍ରିକେଟ ପ୍ରେମୀ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । କିଛି ସମୟ ଧରି ଦୁଇ ଦେଶ ମଧ୍ୟରେ ଉତ୍ତେଜନାପୂର୍ଣ୍ଣ ସମ୍ପର୍କ ଯୋଗୁ ଦୁଇ ଦଳ କେବଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ପରସ୍ପର ବିପକ୍ଷରେ ଖେଳନ୍ତି । ଆଇସିସି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇସାରିଛି ଏବଂ ଭାରତ ଏବଂ ପାକିସ୍ତାନ ୨୩ ଫେବୃୟାରୀ ୨୦୨୫ରେ ଏକ ହାଇ-ଭୋଲଟେଜ୍ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ । ଏହି ସମୟରେ ମହାକୁମ୍ଭମେଳାରୁ ଚର୍ଚ୍ଚାରେ ଆସିଥିବା ଆଇଆଇଟି ବାବା ଭାବରେ ପ୍ରସିଦ୍ଧ ଅଭୟ ସିଂ ମ୍ୟାଚ ବିଷୟରେ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି । ତାଙ୍କର ଭବିଷ୍ୟବାଣୀର ଭିଡିଓ ସୋସିଆଲ ମିଡିଆରେ ଅଧିକ ଭାଇରାଲ ହେବାରେ ଲାଗିଛି । ଏକ ୟୁଟ୍ୟୁବ ଚ୍ୟାନେଲରେ କଥାବାର୍ତ୍ତା କରି ଆଇଆଇଟି ବାବା ଅଭୟ ସିଂ କହିଛନ୍ତି ଯେ, ଏଥର ପାକିସ୍ତାନ ଦଳ ଆଇସିସି ଟୁର୍ଣ୍ଣାମେଣ୍ଟରେ ହେବାକୁ ଥିବା ଭାରତ ଏବଂ ପାକିସ୍ତାନ ମୁକାବିଲାରେ ପାକିସ୍ତାନ ବିଜୟୀ ହେବ । ବାବା ଏପରିକି ଦାବି କରିଛନ୍ତି ଯେ ବିରାଟ କୋହଲି ଏବଂ ଅନ୍ୟ ଖେଳାଳିମାନେ ସେମାନଙ୍କର ସର୍ବୋତ୍ତମ ପ୍ରୟାସ କଲେ ମଧ୍ୟ ଭାରତ ଜିତିପାରିବ ନାହିଁ । ତାଙ୍କର ଏହି ଭିଡିଓ ଉପରେ କ୍ରିକେଟ ପ୍ରଶଂସକମାନେ ନିଜ ନିଜ ପ୍ରତିକ୍ରିୟା ଦେଉଛନ୍ତି ଏବଂ ସୋସିଆଲ ମିଡିଆରେ ତାଙ୍କୁ ପ୍ରବଳ ଟ୍ରୋଲ ମଧ୍ୟ କରୁଛନ୍ତି ।

ଚାମ୍ପିଅନ୍ସ ଟ୍ରଫିର ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଗ୍ରୁପ ଏ'ର ପ୍ରଥମ ମ୍ୟାଚ୍ କରାଚୀର ନ୍ୟାସ୍‌ନାଲ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ମ୍ୟାଚରେ ପାକିସ୍ତାନ ଦଳକୁ କିୱି ଦଳଠାରୁ ୬୦ ରନରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏବେ ଆମକୁ ଦେଖିବାକୁ ପଡିବ ଯେ ନିଜ ଘରୋଇ ଭୂମିରେ ପ୍ରଥମ ମ୍ୟାଚ୍ ହାରିଥିବା ପାକିସ୍ତାନ ଦଳ ବିଷୟରେ ଆଇଆଇଟିର ବାବା ଅଭୟ ସିଂଙ୍କ ଭବିଷ୍ୟବାଣୀ କେତେ ସତ ।

# ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଚାମ୍ପିଅନ



**ଗୋପାଳପୁର, ନ୍ୟୁଜ୍‌ବ୍ୟୁରୋ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଖେଳପଡ଼ିଆ ଠାରେ ଚାଲିଥିବା ୩ ଦିନିଆ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ ୧୪-୫ ଗୋଲରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚଟି କଲିକତା ବିଶ୍ୱବିଦ୍ୟାଳୟ ସହ ଖେଳି ୨୧-୮ ଗୋଲ କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଦଳ ବିଜୟୀ ହୋଇ ପ୍ରଥମ ସ୍ଥାନ ହାସଲ କରି ଚାମ୍ପିଅନ ହୋଇଛି । କଲିକତା ବିଶ୍ୱବିଦ୍ୟାଳୟ ରନର୍ସଅପ୍ ହୋଇଛି । ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶ, କ୍ରୀଡ଼ା ସମ୍ପାଦକ ଡ. ସାରଦା ପ୍ରସାଦ ସାହୁ, କୁଳସଚିବ ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ବିଜେତାମାନଙ୍କୁ ମେଡାଲ ଓ ଟ୍ରଫି ସହ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ ।

# ସହିଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ମଝିଗାଁ ଚାମ୍ପିଅନ




**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡ଼ା ରିଡର୍ସ ବ୍ଲକ୍ ଆନୁକୂଲ୍ୟରେ ସ୍ଥାନୀୟ ଲକ୍ଷ୍ମୀ ପଡ଼ିଆରେ ଚାଲିଥିବା ପଞ୍ଚମ ବାର୍ଷିକ ପୁଲୱାମା ସହିଦ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସ୍ଥାନୀୟ ଅଞ୍ଚଳର ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ମଝିଗାଁ ଝାଡ଼ଖଣ୍ଡ ଏବଂ ଗୁମ୍ରା ମଧ୍ୟରେ ଖେଳାଯାଇ ଥିଲା । ପ୍ରଥମେ ଟସ୍ ଜିତି ମଝିଗାଁ ୯ ୱିକେଟ ହରାଇ ୧୨୩ ରନ୍ ସଂଗ୍ରହ କରିଥିଲା । ବିପକ୍ଷ ଦଳ ଗୁମରା ନିର୍ଦ୍ଧାରିତ ୧୦ ଓଭର ୨ ୱିକେଟ ହରାଇ ୮୨ ରନ କରିଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରଗଡ଼ ଅଧକ୍ଷା ନିକୁସାହୁ, ବକ୍ତା ଜିଲ୍ଲା ବିଜେପି ଉପସଭାପତି ଗୋପୀନାଥ ରାମ, ସମ୍ମାନୀତ ଅତିଥି ବିଲି ପଣ୍ଡା, ବିବେକାନନ୍ଦ ମହାନ୍ତ, ସୁବ୍ରତ ସ୍ୱାଇଁ, ସମିତିସଭ୍ୟା ସରୋଜିନୀ ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୫୦ହଜାର ସହିତ ଟ୍ରଫି ଓ ରନର୍ସଅପ୍ ଦଳକୁ ୩୦ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ । ଅମ୍ପାୟାର ଭାବେ ତପନ କୁମାର ଖୁଣ୍ଟିଆ, ଟୁନୁ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ଓଡ଼ିଆ ଓ ହିନ୍ଦୀରେ ଧାରାବିବରୀଣ ଦେଇଥିଲେ ଦେବବ୍ରତ ମହାନ୍ତ ଓ ଶାନ୍ତନୁ ବାରିକ । ରହିତ କୁମାର ମହାନ୍ତ, ପ୍ରକାଶ ମହାନ୍ତ, ପରେଶ ମହାନ୍ତ, ଚନ୍ଦନ ପାତ୍ର ସ୍କରର ଦାଇତ୍ୱ ତୁଲାଇଥିଲେ । ମହାଦେଇଯୋଡ଼ା ରିଡର୍ସ ବ୍ଲକ୍ ସଭାପତି ଚିନ୍ମୟ କୁମାର ସାହୁ, ସଂପାଦକ ସୁରେଶ କୁମାର ମହାକୁଡ ସଦସ୍ୟ ମାନସ ମହାରଣା, ବୁବୁ ସାହୁ, ଦେବବ୍ରତ କାର୍ଜି, ମୋହନ ପଲେଇ, ଦେବେନ୍ଦ୍ର ଗିରି, ସୁବାଷ ନାଏକ, ଚନ୍ଦନ ସେଠୀ, ଚନ୍ଦନ ପାତ୍ର, ପ୍ରମୋଦ କାର୍ଜି, ଟୁକୁନା ବାରିକ୍, ପ୍ରଦୀପ କାର୍ଯ୍ୟ, ଶିବାନୀ ଶଙ୍କର ମିଶ୍ର, ବାପୁନ ନାଏକ, ସିପୁନ ନାଏକ, ମିଥୁନ ମହାକୁଡ଼ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ । ଫାଇନାଲ ମ୍ୟାଚ୍‌ରେ ୩ହଜାରୁ ଊର୍ଦ୍ଧ୍ୱ କ୍ରିକେଟ ପ୍ରେମୀଙ୍କ ସମାଗମ ହୋଇଥିଲା ।

## 'ରେସ୍ ଅଫ୍ ଦି ରୋଡ୍' ଉଦ୍‌ଯାପିତ

# ବାଇକ୍ ରେସିଂରେ ଶିବମ୍ ଓ କାର୍ ରେସିଂରେ ଆରିବ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ରାଜାବସା ପଡ଼ିଆରେ ୩ଦିନ ଧରି ଚାଲିଥିବା ଓଡ଼ିଶାର ପ୍ରଥମ ଏବଂ ସର୍ବବୃହତ୍ ରେସିଂ ପ୍ରତିଯୋଗିତା 'ରେସ୍ ଅଫ୍ ଦି ରୋଡ୍- ୩' ଉଦ୍‌ଯାପିତ ହୋଇଯାଇଛି । କଳିଙ୍ଗ ମୋଟର ସ୍ପୋର୍ଟସ କ୍ଲବ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାର ଉଦ୍‌ଯାପନ ଦିବସରେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଓ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି ପ୍ରତିଯୋଗିତାରେ ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ଓଡ଼ିଶାରୁ ୪୬ ଜଣ କାର ଓ ୪୩ ଜଣ ବାଇକ ଚାଳକ ଅଂଶଗ୍ରହଣ କରିଥିଲେ । ଦି ଫେଡରେସନ ଅଫ ମଟର ସ୍ପୋର୍ଟସ କ୍ଲବ ଅଫ ଇଣ୍ଡିଆର ତତ୍ତ୍ୱାବଧାନରେ ରଜବସା ପଡ଼ିଆର ଟ୍ରାକ୍‌ରେ ରେସିଂ ଅନୁଷ୍ଠିତ ହୋଇଥିଲା । ବାଇକ ରେସିଂରେ ହିମାଚଳ ପ୍ରଦେଶର ଶିବମ ଠାକୁର ଓ କାର ରେସିଂରେ ପଶ୍ଚିମବଙ୍ଗର ଆରିବ ରେହମାନ ଚାମ୍ପିଅନ ହୋଇଛନ୍ତି । ସାଢେ ୮ କିମି ଟ୍ରାକରେ ୭ମିନିଟ ୪୪ସେକେଣ୍ଡରେ କାର ଚାଳନା କରି ସେ ପ୍ରଥମ ହୋଇଛନ୍ତି । କଳିଙ୍ଗ ମୋଟର ସ୍ପୋର୍ଟସ ପକ୍ଷରୁ ଝାଡ଼ଖଣ୍ଡର ଆଶିଷ ବୁଦ୍ଧିଆ କ୍ଲର୍କ ଅଫ ଦି କୋର୍ଟ ଓ ମନିଷ ଚକ୍ରବର୍ତ୍ତୀ କମିଟି ରିଲେସନ ଅଫିସର ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଦି ଫେଡେରେସନ ଅଫ ମଟର ସ୍ପୋର୍ଟସ କ୍ଲବ ଅଫ ଇଣ୍ଡିଆ ପକ୍ଷରୁ ମୁକୁଲ ବୁଦ୍ଧିଆ ଷ୍ଟିୱାର୍ଡ, ବିଶୁ ବାନାର୍ଜୀ ଓ ରାଜେଶ ରାଠୋର ସ୍କୁଟିନାଇଜର ଭାବେ ନିଯୁକ୍ତ ଥିଲେ । ରାଞ୍ଚି, ଜାମସେଦପୁର, କୋଲକାତା ମୋଟର ସ୍ପୋର୍ଟସ କ୍ଲବ ସଦସ୍ୟ ପରିଚାଳନା କରିଥିଲେ । ଓଡ଼ିଶାରେ ମୋଟର ସ୍ପୋର୍ଟସକୁ ଲୋକପ୍ରିୟ କରିବା ପାଇଁ କଳିଙ୍ଗ ମୋଟର ସ୍ପୋର୍ଟସ ଆଗକୁ ଏପରି ପ୍ରତିଯୋଗିତତା ଆୟୋଜନ କରିବ ବୋଲି ସମ୍ପାଦକ ରମେଶ ମହାପାତ୍ର ସୂଚନା ଦେଇଛନ୍ତି ।




C-1705

OFFICE OF THE NOTFIED AREA COUNCIL, NUAPADA
At/Po- Nuapada, Dist- Nuapada, Pin- 766105
Office Ph.No.9337653320 e-mail- nuapada nac1@gmail.com
Letter No. 297 / Date. 19.02.2025

Expression of Interest (EOI)
For Engagement of Jala Sathi

Nuapada Notified area Council (NAC) invites Expression of Interest in sealed envelope from interested Mission Shakti Group/WSHG/ALF with recommendation of their one eligible member to be engaged as Jala Sathi during the year 2025-26. The Sealed expression of interest should be submitted to Nuapada NAC on or before date 7th March 2025 time 5.00 P.M by registered/ Speed Post only.

The EOI will be opened on date 12th March 2025 at 11.00 A.M. in the Council Hall of NAC, Nuapada. The Sealed envelope should be superscribed with "EOI for engagement of Jala Sathi 2025-26". The detailed Terms and reference of the Expression of interest is available in office www.nuapada.odisha.gov.in

Sd/- Executive Officer
NAC Nuapada
OIPR-13158/11/0003/2425

# ଅଭ୍ୟାସ ବେଳେ ବେକରେ ପଡ଼ିଗଲା ୨୭୦ କେଜି ରଡ୍ : ମହିଳା ପାୱାର ଲିଫ୍ଟରଙ୍କ ମୃତ୍ୟୁ

**ବିକାନେ**

ରାଜସ୍ଥାନର ବିକାନେର ଜିଲ୍ଲାରେ ଅଭ୍ୟାସ ବେଳେ ୨୭୦ କେଜି ଓଜନର ରଡ୍ ପଡ଼ି ଜଣେ ସ୍ୱର୍ଣ୍ଣ ପଦକ ବିଜେତା ମହିଳା ପାୱାର ଲିଫ୍ଟରଙ୍କ ମୃତ୍ୟୁ ଘଟିଛି । ଜିମରେ ଅଭ୍ୟାସ କରୁଥିବା ବେଳେ ମହିଳା ପାୱାରଲିଫ୍ଟର ୟଶ୍‌ତିକା ଆଚାର୍ଯ୍ୟ (୧୭)ଙ୍କ ମୃତ୍ୟୁ ଘଟିଛି । ନୟା ସାହିର ଏସ୍‌ଏଚ୍‌ଓ ବିକ୍ରମ ତିୱାରୀ କହିଛନ୍ତି ଯେ ସ୍ୱର୍ଣ୍ଣ ପଦକ ବିଜେତା ଖେଳାଳିଙ୍କ ବେକ ଭାଙ୍ଗି ଯାଇଥିଲା ।



ଦୁର୍ଘଟଣା ପରେ ତୁରନ୍ତ ତାଙ୍କୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶ୍ରୀ ତିୱାରୀ କହିଛନ୍ତି ଯେ ପ୍ରଶିକ୍ଷକ ୟଶ୍‌ତିକାଙ୍କୁ ଜିମ୍‌ରେ ଓଜନ ଉଠାଇବାକୁ ବାଧ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଏହି ଦୁର୍ଘଟଣାରେ ପ୍ରଶିକ୍ଷକ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି ।

ଏସଏଚ୍‌ଓ କହିଛନ୍ତି ଯେ ପରିବାର ଲୋକ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ କରିନାହାଁନ୍ତି । ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଶୃଙ୍ଖଳିତ କାର୍ଯ୍ୟଶୈଳୀ ପାଇଁ ଯାଜପୁର ଜିଲ୍ଲା ସ୍କାଉଟ୍ ଗାଇଡ୍ ରାଜ୍ୟରେ ନଂ ୧

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ସହର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସ୍କାଉଟ୍ ଗାଇଡ୍ କ୍ୟାମ୍ପୋରୀ ୨୦୨୫ ଉତ୍ସବକୁ ଯାଜପୁର ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ କୃତିବାସ ବାରିକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଭାରତ ସ୍କାଉଟ ଗାଇଡ୍‌ର ଜାତୀୟ ଉପ ସଭାପତି ତଥା ଓଡ଼ିଶା ରାଜ୍ୟ ମୁଖ୍ୟ କମିଶନର ଡକ୍ଟର କାଳୀ ପ୍ରସାଦ ମିଶ୍ର ଯୋଗ ଦେଇ ଯାଜପୁର ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍‌ର ଶୃଙ୍ଖଳିତ କାର୍ଯ୍ୟଶୈଳୀ ପାଇଁ ସାରା ଓଡ଼ିଶାରେ ଏକ ନମ୍ବର ହୋଇପାରିଛି ବୋଲି କହିଥିଲେ । ଯାଜପୁର ସହରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅତି ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିବାରୁ ସମସ୍ତଙ୍କୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ନିଜ ବକ୍ତବ୍ୟରେ ଡକ୍ଟର ଶ୍ରୀ ମିଶ୍ର କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଓଡ଼ିଶା ଭାରତ ସ୍କାଉଟ୍ ଗାଇଡ୍‌ର ରାଜ୍ୟ ପରିଚାଳନା କମିଶନର ଅନାମିକା ଦାସ ଯୋଗଦେଇ ସ୍କିଲ ଡେଭଲପମେଣ୍ଟ ବିଷୟ ସହ ଇଣ୍ଟରନେଟ କିପରି ସାରା ବିଶ୍ୱରେ ସ୍କାଉଟ ଗାଇଡର ଦକ୍ଷତାକୁ ପ୍ରତିପାଦନ କରିପାରିଛି ତାହା ସେ ନିଜ ବକ୍ତବ୍ୟରେ କହିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କମିଶନର ବିଶ୍ୱମ୍ବର ମିଶ୍ର, ରବି ପ୍ରସାଦ ସାମଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟଶ୍ରୀ ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ପ୍ରଶଂସା କରିଥିଲେ । ଜିଲ୍ଲା ସଂପାଦକ ଶମ୍ଭୁନାଥ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସକାଳ ୭ଟାରେ ସ୍ୱଧର୍ମ ସଭାରେ ମୁଖ୍ୟ ଅତିଥି ଭାବେ ସହକାରୀ ଜିଲ୍ଲାପାଳ କୁଳମଣି ନାୟକ ଯୋଗଦେଇ ସେବା ଓ ଶୃଙ୍ଖଳା ଉପରେ ଉପଦେଶ ଦେଇଥିଲେ । ସ୍କାଉଟ ଗାଇଡ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଯାଜପୁର ସହରରେ ଶାନ୍ତି ପରିକ୍ରମା କରାଯାଇଥିଲା । ଶିବିରାର୍ଥୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଯଥା ରଙ୍ଗୋଲୀ, ପିଜାଣ୍ଟ ସୋ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଭିନ୍ନ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ୫୨ଜଣ ସ୍କାଉଟମାଷ୍ଟର ଓ ଗାଇଡ କ୍ୟାପଟେନ ଏବଂ ୬୫୨ଜଣ ସ୍କାଉଟ୍ ଗାଇଡ୍ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା କ୍ରୀଡ଼ାଧିକାରୀ ଫକୀର ମୋହନ ଟୁଡୁ, ଜିଲ୍ଲା ସ୍କୁଲର ବରିଷ୍ଠ ଶିକ୍ଷକ, ଜହିରୁଦ୍ଦିନ୍ ଖାଁ, ଶଙ୍କର୍ଷଣ ବେହେରା, ମମତା ସେଠୀ, ରାଜେଶ ସେଠୀ, ବିନୋଦ କୁମାର ଦଳାଇ, ଅରୁଣ ଜେନା, ରତିକାନ୍ତ ନାୟକ, ସେକ୍ ମାଜିଦ ବକ୍ସର, ଜିଲ୍ଲା ସଂଯୋଜକ ଅବିନାଶ ଖୁଣ୍ଟିଆ, ତପସ୍ୱିନୀ ଦାଶ, ଭକ୍ତହରି ସାହୁ, ନିରଞ୍ଜନ ଶତପଥୀ, ସୋନାଲୀ ସାହୁ ଚନ୍ଦନ ସାହୁ, ସୁବାଷ ଚନ୍ଦ୍ର ବାରିକ, ମନୋଜ କୁମାର ରାଉତ ରାୟ, ସୁଶାନ୍ତ ସାହାଣୀ, ମାନସ କୁମାର ସ୍ୱାଇଁ, ସଲୋନୀ ଅଗ୍ରୱାଲ, ରାହାସ ବିହାରି ଦାସ, ଦୁଃଶାସନ ବେହେରା ପ୍ରମୁଖ ସଭା ପରିଚାଳନା କରିଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମାନସ କୁମାର ଧଳ ଓ ମାୟାଧର ବେହେରାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଜିଲ୍ଲା ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ ।





## ରାଜଭବନରେ ଅରୁଣାଚଳ ଓ ମିଜୋରାମର ପ୍ରତିଷ୍ଠା ଦିବସ ପାଳିତ

# ବିବିଧତାରେ ଏକତା ଭାରତର ବିଶେଷତ୍ୱ : ରାଜ୍ୟପାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିବିଧତାରେ ଏକତା ଭାରତର ବିଶେଷତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଆଜି ଅପରାହ୍ନରେ ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜ୍ୟପାଳ ଏହା କହିଛନ୍ତି। ଏକ ଉତ୍ସବ ମୁଖରିତ ପରିବେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ଅଧିବାସୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସୁଖ ସମୃଦ୍ଧି କାମନା କରିଥିଲେ। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ବିବିଧତା ଆମ ଗୌରବ । ଏପରି କାର୍ଯ୍ୟକ୍ରମ "ଏକ ଭାରତ ଶ୍ରେଷ୍ଠ ଭାରତ"ର ଭାବନାକୁ ସୁଦୃଢ଼ କରୁଅଛି ଏବଂ ବିବିଧ ସାଂସ୍କୃତିକ ପରଂପରା ଓ ଆକାଂକ୍ଷାକୁ ଏକ ଜାତୀୟ ପରିଚୟରେ ଏକତ୍ରିତ କରୁଛି। ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶାନୁସାରେ ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରସ୍ପର ମଧ୍ୟରେ ଖୁସି ଓ ଆନନ୍ଦ ବାଂଟିଂବାର ପର୍ବ ଯାହା ଆମର ରାଷ୍ଟ୍ରୀୟ ପ୍ରତିବଦ୍ଧତାକୁ ପ୍ରତିବିମ୍ବିତ କରାଉଛି ବୋଲି ରାଜ୍ୟପାଳ କହିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶାରେ ଶିକ୍ଷା ଲାଭ କରୁଥିବା ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଜ୍ଞାନର ସଂପର୍କ ସେତୁ ନିର୍ମାଣ ଓ କର୍ମକ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷମାନଙ୍କ ଓଡିଶାର ବୌଦ୍ଧିକ ଓ ସାଂସ୍କୃତିକ ବିକାଶରେ ଅଂଶ ଗ୍ରହଣ ଓ ଅବଦାନକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ ଦେଶର ଉତ୍ତର ପୂର୍ବାଂଚଳ କେବଳ ଏକ ଭୌଗଳିକ ଭୂଖଣ୍ଡ ନୁହେଁ ବରଂ ପରଂପରା, ଉତ୍କର୍ଷ କଳା ଓ ଗଭୀର ମୂଲ୍ୟବୋଧର ଗନ୍ତାଘର। ଏହା ଏପରି ଏକ ଭୂମି ଯେଉଁଠାରେ ପ୍ରକୃତି ଏବଂ ସଂସ୍କୃତି ସହବସ୍ଥାନ କରନ୍ତି ଏବଂ ଏଠାରେ ଗୋଷ୍ଠୀ ଓ ଆତ୍ମ ନିର୍ଭରଶୀଳତାର ଆତ୍ମା ବିକଶିତ ହୋଇଥାଏ। ରାଜ୍ୟପାଳ ଡ. କମ୍ଭମ୍ପାଟି ଓଡ଼ିଶା ଆସିବା ପୂର୍ବରୁ ମିଜୋରାମର ରାଜ୍ୟପାଳ ଥିବା ବେଳର ସ୍ମୃତି ରୋମନ୍ଥନ କରିଥିଲେ ଏବଂ ଉତ୍ତର ପୂର୍ବାଂଚଳର ସୌନ୍ଦର୍ଯ୍ୟ ଓ ସମୃଦ୍ଧ ଐତିହ୍ୟର ପ୍ରଶଂସା କରିଥିଲେ। ଅରୁଣାଚଳ ପ୍ରଦେଶକୁ "ଉଦିତ ସୂର୍ଯ୍ୟର ଭୂମି" ବୋଲି କୁହାଯାଏ। ସେଠାକାର ପ୍ରକୃତିର ମହିମା ଏବଂ ଦେଶର ସମୃଦ୍ଧ ଜନଜାତି ପରଂପରାର ଝଲକ ଦେଖାଯାଏ। ଉଭୟ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ମନୋରମ ଭୂଦୃଶ୍ୟ, ବିବିଧତାରେ ଭରପୁର ଉଦ୍ଭିଦ ଓ ପ୍ରାଣୀ, ଅନନ୍ୟ ପରଂପରା ପାଇଁ ବାସ୍ତବରେ ଏହି ଦୁଇ ରାଜ୍ୟ ଉତ୍ତର ପୂର୍ବ ଭାରତର ଅଷ୍ଟଲକ୍ଷ୍ମୀଙ୍କ ଆତ୍ମାର ପ୍ରତୀକ ସାଜିଛି ବୋଲି ରାଜ୍ୟପାଳ କହିଥିଲେ । ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଜଭବନରେ ଉଭୟ ରାଜ୍ୟର ଅଧିବାସୀ / ପ୍ରତିନିଧିଙ୍କ ଉପସ୍ଥିତ ଏକ ଭାରତ ଶ୍ରେଷ୍ଠ ଭାରତର ପ୍ରକୃତ ସାରକୁ ଦର୍ଶାଉଛି। ଏହି ପରଂପରାର ତତ୍ତ୍ୱାବଧାରକ ଭାବେ ରାଜଭବନ ଆମକୁ ଏକତ୍ରିତ କରିବା, ବିବିଧତାକୁ ସମ୍ମାନିତ କରିବାରେ ଗର୍ବ ଅନୁଭବ କରେ। ଓଡ଼ିଶାରେ କିପରି ବିଭିନ୍ନ ଅଂଚଳର ଗୋଷ୍ଠୀ / ସଂପ୍ରଦାୟ ଏକାଠି ହୁଅନ୍ତି, ଶିକ୍ଷ-ସହଯୋଗ ଓ ପାରସ୍ପରିକ ବୁଝାମଣାକୁ ପ୍ରୋସାହିତ କରାଯାଏ ତାହା ନିହାତି ଭାବେ ଉତ୍ସାହ ଜନକ ବୋଲି ରାଜ୍ୟପାଳ କହିବା ସହିତ ଆମର ସେହି ସଂପର୍କ, ବିବିଧତାରେ ଏକତା ଭାବନାକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ମିଜୋରାମ ରାଜ୍ୟର ରାଜ୍ୟପାଳ ଜେନେରାଲ ଡ. ବିଜୟ କୁମାର ସିଂହଙ୍କ ଶୁଭେଚ୍ଛା ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅରୁଣାଚଳ ପ୍ରଦେଶ ଓ ମିଜୋରାମ ରାଜ୍ୟର ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀମାନେ ନିଜ ନିଜ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ଏବଂ ମହାନତା ସଂପର୍କରେ ଅବତାରଣା କରିବା ସହିତ ଓଡ଼ିଶା ସହ ତାଙ୍କ ରାଜ୍ୟର ଅତୁଟ ସଂପର୍କ ଏବଂ ଓଡ଼ିଶାର ବିଶେଷତ୍ୱ ସଂପର୍କରେ ଅଭିଜ୍ଞତା ଓ ଉପଲବ୍ଧି ବାଂଟିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାରେ ଅଧ୍ୟୟନ କରୁଥିବା ଅରୁଣାଚଳ ପ୍ରଦେଶ ଓ ମିଜୋରାମର ଛାତ୍ରଛାତ୍ରୀମାନେ ବିବିଧତାରେ ଏକତା ଉପରେ ଆଧାରିତ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ରମାଦେବୀ ବିଶ୍ୱ ବିଦ୍ୟାଳୟର ଛାତ୍ରୀ, ସେଚୁଂରିଅନ ୟୁନିଭରସିଟ ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜ୍‌ମେଂଟର ଛାତ୍ରଛାତ୍ରୀ ତଥା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା

# ଥମୁନି ଲିଙ୍ଗରାଜ ନିଯୋଗ ବିବାଦ : ସେବାରେ ନିୟୋଜିତ ବ୍ରାହ୍ମଣ ନିଯୋଗ ଦୁଇ ଫାଳ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ମହାଶିବରାତ୍ରୀ ପୂର୍ବରୁ ମୁଣ୍ଡ ଟେକିଲାଣି ନୂଆ ବିବାଦ । ନିଯୋଗ ନିଯୋଗ ଭିତରେ ବିବାଦ ଥମି ନଥିବାବେଳେ ବ୍ରାହ୍ମଣ ନିଯୋଗ ଦୁଇଫାଳ ହୋଇଛି । ଏମିତି ସ୍ଥିତି ପ୍ରଭୁ ଲିଙ୍ଗରାଜଙ୍କର କେମିତି ଜାଗର ନୀତିକାନ୍ତି ହେବ, ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି । ମାତ୍ର ଦିନ କେଇଟା ତଳେ ଦୁଇ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁ ଲିଙ୍ଗରାଜ ୪୫ ଘଂଟା ଉପାସରେ ରହିଥିଲେ । ଏପର୍ଯ୍ୟନ୍ତ ସେହି ବିବାଦ ସମ୍ପୂର୍ଣ୍ଣ ଭାବେ ସମାଧାନ ହୋଇନି । ଆଉ ଗୋଟିଏ ନୂଆ ବିବାଦ ମୁଣ୍ଡ ଟେକିଛି । ଲିଙ୍ଗରାଜଙ୍କ ସେବାରେ ନିୟୋଜିତ ବ୍ରାହ୍ମଣ ନିଯୋଗ ଦୁଇ ଫାଳ ହୋଇଯାଇଛି । ପୂର୍ବରୁ ନିଯୋଗର ସଭାପତି, ସମ୍ପାଦକ ରହିଥିବାବେଳେ ଏବେ ଆଉ କିଛି ସଦସ୍ୟ ସ୍ୱତନ୍ତ୍ର ବୈଠକ କରି ନିଯୋଗର ନୂଆ କର୍ମକର୍ତ୍ତା ଘୋଷଣା କରିଛନ୍ତି । ଯାହାକୁ ନେଇ ତେଜିଛି ବୟାନବାଜି । ତେବେ ମଝିରେ ଆଉ ମାତ୍ର ୫ଦିନ ଥିବାରୁ କେମିତି ଜାଗର ନୀତି ହେବ ସେ ନେଇ ଆଶଙ୍କା ସୃଷ୍ଟି ହୋଇଛି । ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ଆରମ୍ଭ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଶିବରାତ୍ରୀ ପାଇଁ ପ୍ରସ୍ତୁତି ଚାଲିଛି । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା କେମିତି ସୁରୁଖୁରରେ ହେବ ତାହା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇଛି । ତେବେ ନୀତିକାନ୍ତି ସୁରଖୁରରେ ହେବା ସହ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି । ନିଯୋଗ ନିଯୋଗ ମଧ୍ୟରେ ବିବାଦ ଯୋଗୁଁ ପୂର୍ବରୁ ଅନେକ ଥର ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ହୋଇଛି । ଠାକୁର ଖାଡା ଉପାସ ରହିଛନ୍ତି । ହେଲେ, ସେହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇ ନାହିଁ ।

# ଟିଏଚ୍‌ଇ ୱାର୍ଲ୍ଡ ରେପୁଟେସନ୍ ରାଙ୍କିଂ: ଦେଶର ୪ ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଗବେଷଣା କ୍ଷେତ୍ରରେ ଏକ ଭିନ୍ନତା ସୃଷ୍ଟି କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ମଙ୍ଗଳବାର ପ୍ରକାଶିତ ଟାଇମ୍‌ସ ହାୟାର ଏଜୁକେସନ୍ (ଟିଏଚ୍‌ଇ) ୱାର୍ଲ୍ଡ ରେପୁଟେସନ୍ ରାଙ୍କିଙ୍ଗସ୍-୨୦୨୫ ତାଲିକାରେ ଦେଶର ୪ଟି ଶିକ୍ଷାନୁଷ୍ଠାନ ମଧ୍ୟରେ ସୋଆ ସ୍ଥାନିତ ହୋଇଛି। ଏହି ତାଲିକାରେ ସୋଆ ବ୍ୟତୀତ ସ୍ଥାନ ପାଇଥିବା ଦେଶର ଅନ୍ୟ ୩ଟି ଶିକ୍ଷାନୁଷ୍ଠାନ ହେଉଛି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍‌ସ, ବେଙ୍ଗାଲୁରୁ, ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଦିଲ୍ଲୀ ଏବଂ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମାଡ୍ରାସ୍। ଦେଶର କେବଳ ଏହି ୪ଟି ଶିକ୍ଷାନୁଷ୍ଠାନ ଏହି ତାଲିକାରେ ସ୍ଥାନ ପାଇଥିବା ବେଳେ ସୋଆ ହେଉଛି ଏକମାତ୍ର ଘରୋଇ ଶିକ୍ଷାନୁଷ୍ଠାନ। ଏହି ୪ଟି ଶିକ୍ଷାନୁଷ୍ଠାନ ୨୦୧-୩୦୦ ରାଙ୍କ ମଧ୍ୟରେ ସ୍ଥାନିତ ହୋଇଛନ୍ତି। ଏହି ବର୍ଷ ୩୮ଟି ଦେଶର ୩୦୦ ଶିକ୍ଷାନୁଷ୍ଠାନକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଛି। ବିଶ୍ୱବ୍ୟାପୀ ସମସ୍ତ ଶିକ୍ଷାନୁଷ୍ଠାନ ମଧ୍ୟରୁ ଚଳିତ ବର୍ଷର ତାଲିକାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲଗାତାର ୧୪ ବର୍ଷ ଧରି ଏହି ସ୍ଥାନ ବଜାୟ ରଖିଛି। ସେହିପରି ମାସାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି) ଏବଂ ୟୁନିଭର୍ସିଟି ଅଫ୍ ଅକ୍ସଫୋର୍ଡ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ହାସଲ କରିଥିବା ବେଳେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟି ଏବଂ ୟୁନିଭର୍ସିଟି ଅଫ୍ କେମ୍ବ୍ରିଜ ଯୁଗ୍ମ ଭାବେ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୨୦୨୪ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ରାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆରଏଫ୍)ରାଙ୍କିଙ୍ଗରେ ସୋଆ ସାରା ଦେଶରେ ୧୪ ତମ ସ୍ଥାନରେ ରହିଥିବା ବେଳେ ନ୍ୟାସ୍‌ନାଲ୍ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡିଟେସନ୍ କାଉନ୍‌ସିଲ (ନାକ୍) ଦ୍ୱାରା ସର୍ବୋଚ୍ଚ ଗ୍ରେଡ ଏ++ ଦ୍ୱାରା ପୁନଃସ୍ୱୀକୃତି ପାଇଛି। ସେହିପରି ସୋଆ ୨୦୨୨ ରେ ୟୁନିଭର୍ସିଟି ଗ୍ରାନ୍‌ଟସ କମିସନ୍ (ୟୁଜିସି) ପକ୍ଷରୁ କ୍ୟାଟେଗୋରୀ-୧ ଗ୍ରେଡେଡ୍ ଅଟୋନୋମୀ ଷ୍ଟାଟସ୍ ମାନ୍ୟତା ପାଇଛି। ଏହି ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରରେ କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗରେ ମଧ୍ୟ ସ୍ଥାନ ପାଇଛି।

# ଫେବୃୟାରୀ ୨୧ ରୁ ୨୩ ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ

**ପୁରୀ, ନ୍ୟୁଜ ବ୍ୟୁରୋ**

ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ ଚଳିତମାସ ୨୧ ରୁ ୨୩ ତିନି ଦିନ ଧରି ପୁରୀ ଟାଉନହଲ ଠାରେ ଅନୁଷ୍ଠିତ ହେବ । ଏ ସମ୍ପର୍କରେ ମଙ୍ଗଳବାର ମଧ୍ୟାହ୍ନରେ ଚକ୍ରତୀର୍ଥ ରୋଡ ସ୍ଥିତ ୟୁଥ ହଷ୍ଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଖିଳ ଭାରତୀୟ ସଭାପତି ଛେଦିଲାଲ ଶର୍ମା ବିଶ୍ୱକର୍ମା କହିଲେ ସାରା ଭାରତରେ ୧୯ ଲକ୍ଷ ବିଶ୍ୱକର୍ମା ରହିଛନ୍ତି । ସେମାନଙ୍କ ସାମାଜିକ, ରାଜନୈତିକ, ଆର୍ଥିକ ଓ ଧାର୍ମିକ ଉନ୍ନତି ପାଇଁ ସଂଘ ପ୍ରତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବ । ୧୯୧୮ ମସିହାରେ ପ୍ରଥମେ କଲିକତାରେ ଏହି ସଂଘ ଆରମ୍ଭ ହୋଇଥିଲା । ଏହାର ହୀରକ ଜୟନ୍ତୀ ଚାରିଧାମ ମଧ୍ୟରୁ ଅନ୍ୟତମ ଧାମ ପୁରୀର ଟାଉନହଲରେ ଅନୁଷ୍ଠିତ ହେବ। ଲୋକସଭା, ରାଜ୍ୟସଭା, ରାଜ୍ୟ ବିଧାନସଭା ଓ ଅନ୍ୟ ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ବିଶ୍ୱକର୍ମାର ପ୍ରାର୍ଥୀଙ୍କୁ ସୁଯୋଗ ଦେବା ପାଇଁ ଦାବି କରିବେ। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ସଭାପତିତ୍ୱ କରି କହିଲେ ଓଡ଼ିଶାରେ ବିଶ୍ୱକର୍ମା ଭାଇମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ସ୍ଥିତିରେ ରହିଛି। ରାଜ୍ୟ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣା କହିଲେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଠାରେ ବିଶ୍ୱକର୍ମା ଭବନ, ବିଶ୍ୱକର୍ମା ସଂଗ୍ରହାଳୟ ଓ ବିଶ୍ୱକର୍ମା କୌଶଳ ବିକାଶ କେନ୍ଦ୍ର ପାଇଁ ଜମି ଯୋଗାଇ ଦେବା ପାଇଁ ସମ୍ମିଳନୀରେ ଆଲୋଚନା ହେବ । ଏହି ସମ୍ମିଳନୀରେ ଓଡ଼ିଶାରୁ ୫ଶହ ପ୍ରତିନିଧି ଓ ଭାରତର ବିଭିନ୍ନ ରାଜ୍ୟରୁ ୩ଶହ ପ୍ରତିନିଧି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ରାଜ୍ୟ ଉପସଭାପତି ଭାଗିରଥୀ ବିନ୍ଧାଣୀ, ଯୁଗ୍ମ ସମ୍ପାଦକ ପ୍ରମୋଦ ରଞ୍ଜନ ମହାରଣା, ପୁରୀ ସହର ସଭାପତି ହୃଷିକେଶ ମହାରଣା ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ । ୨୨ ତାରିଖ ଶନିବାର ସଂଧ୍ୟାରେ ପୁରୀ ଲୋକସଭା ସାଂସଦ ଡ.ସମ୍ବିତ ପାତ୍ର, ପୁରୀ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ପୁରୀ ଏସପି ବିନିତ ଅଗ୍ରୱାଲ, ପୁରୀ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଏବଂ ୨୩ ତାରିଖ ସଂଧ୍ୟାରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ଓ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ପ୍ରଦାନ କରିଛନ୍ତି ।

## ୫ ବର୍ଷରେ ୯୬୮ କୋଟି ଟଙ୍କାର ପରିବହନ ଟିକସ ଆଦାୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଗତ ୫ ବର୍ଷରେ ୯୬୮ କୋଟି ଟଙ୍କାର ପରିବହନ ଟିକସ ଆଦାୟ ହୋଇଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ପରିବହନ ମନ୍ତ୍ରୀ ଉତ୍ତର ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ୨୩, ୨୯୬ ଟି ବିଏଚରେ ପଞ୍ଜିକୃତ ହୋଇଛି । ଟିକସ ଖିଲାପକାରି ଯାନ ଗୁଡିକୁ ଦିନକୁ ୧୦୦ ଟଙ୍କା ଟିକସ ଆଦାୟ କରିବାର ବ୍ୟବସ୍ଥା ଅଛି ।



ଭୁବନେଶ୍ୱର : ରାଜଭବନ ଠାରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ତେଜ୍ ପ୍ରତାପ ଓ ଅନ୍ୟ ଦୁଇ ବିଶିଷ୍ଟ ବ୍ୟକ୍ତି। (ଫଟୋ : ସମ୍ବାଦ କଳିକା)

# ଟ୍ରେନ୍ ଦୁର୍ଘଟଣାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ରେଳବାଇ ପ୍ରବନ୍ଧକଙ୍କ ଆହ୍ୱାନ

**ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ**




ଖୋର୍ଦ୍ଧା ରୋଡ଼ ରେଳବାଇ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳ କାର୍ଯ୍ୟାଳୟ ରେ ଥିବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇ ଅଛି। ହାତୀମାନଙ୍କର ସୁଗମ ଯାତାୟାତ, ଦୁର୍ଘଟଣାକୁ ଏଡାଇବା ଏବଂ ଅତ୍ୟଧିକ ହାତୀ ସତର୍କତା କାରଣରୁ ଟ୍ରେନ୍ ବିଳମ୍ବକୁ ହ୍ରାସ କରିବା ପାଇଁ ରେଳ କର୍ତ୍ତୃପକ୍ଷ ଏବଂ ବନ ଅଧିକାରୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରିବା ଏହି ବୈଠକର ଉଦ୍ଦେଶ୍ୟ। ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍.ଏସ୍. ବାଜୱା, ଏହି ସମନ୍ୱୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧାରୋଡ଼ ମଣ୍ଡଳ ତରଫରୁ, ଶ୍ରୀ ପି.କେ. ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ସହ ଟ୍ରେନ ପରିଚାଳନା, ବାଣିଜ୍ୟିକ, ଇଞ୍ଜିନିୟରିଂ, ସିଗନାଲ୍ ଆଣ୍ଡ ଟେଲିକମ୍, ଇଲେକ୍ଟ୍ରିକାଲ୍ (ଅପରେସନ୍) ଏବଂ ସୁରକ୍ଷା ବିଭାଗର ଶାଖା ଅଧିକାରୀ ଉପସ୍ଥିତ ଥିଲେ। ବନ ବିଭାଗର ଶ୍ରୀ ସୁଦର୍ଶନ ସେଖର ଖୋରା, ଆଇଏଫଏସ, ଆଞ୍ଚଳିକ ମୁଖ୍ୟ ଜଙ୍ଗଲ ସଂରକ୍ଷକ, ଫିଲ୍ଡ ନିର୍ଦ୍ଦେଶକ / ସାତକୋସିଆ ଟାଇଗର ରିଜର୍ଭ, ଅନୁଗୁଳ ଏବଂ କଟକ, ଆଠଗଡ ଢେଙ୍କାନାଳ, ଖୋର୍ଦ୍ଧା ଡିଭିଜନର ବରିଷ୍ଠ ବନ ଅଧିକାରୀ ଏବଂ ଅନ୍ୟ ମାନେ ଉପସ୍ଥିତ ଥିଲେ। ଜଙ୍ଗଲ ଅଧିକାରୀଙ୍କ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରିବାକୁ ମଣ୍ଡଳ ରେଳ ପ୍ରବନ୍ଧକ, ଶ୍ରୀ ଏଚ୍.ଏସ୍. ବାଜୱା ଗୁରୁତ୍ୱାରୋପ କରିଥିଲେ । ଏହି ପରିପ୍ରେକ୍ଷୀରେ ଏକ ସୁସ୍ଥ ଆଲୋଚନା କରାଯାଇଥିଲା ଏବଂ ରେଳ ଧାରଣାରେ ହାତୀ ମୃତ୍ୟୁକୁ ଏଡାଇବା ପାଇଁ ବିଭିନ୍ନ କାର୍ଯ୍ୟ ପନ୍ଥା ପ୍ରସ୍ତୁତ କରାଯାଇଥିଲା। ସମ୍ବେଦନଶୀଳ ରେଳ ସେକ୍ସନ ମାନଙ୍କରେ ହାତୀ ଗତିବିଧି ବିଷୟରେ ସଠିକ ସମୟରେ ଯୋଗାଯୋଗ ପାଇଁ ବିଭାଗୀୟ ଜଙ୍ଗଲ ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ସେମାନଙ୍କ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ପରାମର୍ଶ ଦିଆଯାଇଥିଲା। ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ମନୋନୀତ ହୋଇଥିବା ସ୍ଥାନଗୁଡ଼ିକରେ ଉପମାର୍ଗ ବା ଅଣ୍ଡରପାସ୍ ଏବଂ ଓଭରବ୍ରିଜ୍ ନିର୍ମାଣ କରାଯିବ । ଏଗୁଡିକ ମଧ୍ୟରେ ବୈରୀ – କପିଳାସ୍ ରୋଡ୍, ଢେଙ୍କାନାଳ –ହିନ୍ଦୋଳ-ସଦାଶିବପୁର ଇତ୍ୟାଦି। ସମ୍ବେଦନଶୀଳ ସ୍ଥାନଗୁଡିକ ଚିହ୍ନଟ କରାଯିବ ଏବଂ ରେଳ ଟ୍ରାକ୍ ନିକଟରେ ଥିବା ଉଦ୍ଭିଦଗୁଡିକ ସ୍ୱଚ୍ଛ ଦୃଶ୍ୟମାନତା ପାଇଁ ସଫା କରାଯିବ । ଲୋକୋ ପାଇଲଟମାନଙ୍କୁ ପୂର୍ବ ଚେତାବନୀ ଭାବରେ ସାଇନେଜ୍ ବୋର୍ଡର ଉପଲବ୍ଧତା ସୁନିଶ୍ଚିତ କରାଯିବ । ଷ୍ଟେସନ ମାଷ୍ଟର ଏବଂ ବନ ବିଭାଗ ମଧ୍ୟରେ ସୁଗମ ଯୋଗାଯୋଗ ପାଇଁ ୱାକି-ଟକି ମାଧ୍ୟମରେ ଏକ ସ୍ୱତନ୍ତ୍ର ଚ୍ୟାନେଲ ସୃଷ୍ଟି ହେବ, ଯାହାଫଳରେ ଷ୍ଟେସନ ମାଷ୍ଟର ଟ୍ରେନ କର୍ମଚାରୀଙ୍କୁ ଠିକ୍ ସମୟରେ "ଲୁକ୍ ଆଉଟ୍ ପରାମର୍ଶ" ଦେଇପାରିବେ । ବଣୁଆ ଜୀବଜନ୍ତୁ ସଂରକ୍ଷଣ ଏବଂ ସୁରକ୍ଷା ଉପରେ ଲୋକୋ ପାଇଲଟ୍ ଏବଂ ଗାର୍ଡଙ୍କ ପାଇଁ ନିୟମିତ ପ୍ରେରଣା କାର୍ଯ୍ୟକ୍ରମ କରାଯିବ। ଆଇଆରସିଟିସି/ ପାନ୍ଟ୍ରି କାର କର୍ମଚାରୀଙ୍କୁ ରେଲୱେ ଟ୍ରାକରେ ଖାଇବା ବର୍ଜ୍ୟବସ୍ତୁ ନ ଫିଙ୍ଗିବାକୁ ନିର୍ଦ୍ଦେଶ ଦିଆଯିବ ଯାହା ବନ୍ୟଜନ୍ତୁମାନଙ୍କୁ ଆକର୍ଷିତ କରିପାରେ। ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ହାତୀ କରିଡର ଗୁଡ଼ିକ ହେଉଛି, ବୈରୀ –କପିଳାସ୍ ରୋଡ଼, କାଇପାଦର-ତାପଙ୍ଗ, ଗୁରୁଡ଼ିଝାଟିଆ-ରାଜଆଠଗଡ଼-ମାଛପୁର, ରାଧାକୀସୋରପୁର-ଘଣ୍ଟିଖାଲ୍, ପରଜଙ୍ଗ-କମଳଙ୍ଗା ଇତ୍ୟାଦି। ହାତୀ ଗତିବିଧି ସମ୍ବନ୍ଧୀୟ ସୂଚନାକୁ ସମ୍ପୃକ୍ତ ବିଭାଗକୁ ପଠାଇବା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳର କଣ୍ଟ୍ରୋଲ ରୁମ ଦିନରାତି କାର୍ଯ୍ୟ କରୁଛି ଏବଂ ସେଠାରେ ଟ୍ରେନ ଦୁର୍ଘଟଣା ହେତୁ ହାତୀ ମୃତ୍ୟୁକୁ ଏଡାଇବା ପାଇଁ ଷ୍ଟେସନ ମାଷ୍ଟର ଏବଂ ଲୋକୋ ପାଇଲଟମାନଙ୍କୁ ସତର୍କତା ନିର୍ଦ୍ଦେଶ ଜାରି କରାଯାଇଛି । ବେଳେବେଳେ ହାତୀ କରିଡରରେ ସତର୍କତା ଆଦେଶ ହେତୁ ଟ୍ରେନଗୁଡିକର ସମୟାନୁବର୍ତ୍ତୀତା ବାଧାପ୍ରାପ୍ତ ହେଉଛି । ତେଣୁ, ଟ୍ରେନ୍ ଦୁର୍ଘଟଣାରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ପାଇଁ ରେଲୱେ ବ୍ୟବହାରକାରୀ ରେଳବାଇକୁ ସହଯୋଗ କରିବା ପାଇଁ ମଣ୍ଡଳ ରେଳବାଇ ପ୍ରବନ୍ଧକ ଶ୍ରୀ ଏଚ୍.ଏସ୍. ବାଜୱା, ଅନୁରୋଧ କରିଛୋନ୍ତି ।

# ଶୂନ୍ୟକାଳରେ ସୈନିକ ସ୍କୁଲ ପ୍ରସଙ୍ଗ ଉଠାଇଲେ ବିଜେଡ଼ି ବିଧାୟକ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶୂନ୍ୟକାଳରେ ସୈନିକ ସ୍କୁଲ ପ୍ରସଙ୍ଗ ଉଠାଇଲେ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ସୈନିକ ସ୍କୁଲ ୧୯୬୨ ମସିହାରେ ଭୁବନେଶ୍ୱରରେ ସ୍ଥାପନ କରଯାଇଥିଲା । ଜେନେରାଲ ରାଙ୍କର ୧୦ ଜଣ ପିଲା ସେହି ସ୍କୁଲରୁ ବାହାରିଛନ୍ତି । କିଛି ବିଲ୍ଡରଙ୍କ ସ୍ୱାର୍ଥ ରକ୍ଷା ପାଇଁ ଭୁବନେଶ୍ୱର ସୈନିକ ସ୍କୁଲକୁ ଅନ୍ୟତ୍ର ଉଠାଇ ଦେବାକୁ ପ୍ରୟାସ ହେଉଛି। ଡମ୍ପିଂ ୟାର୍ଡ ଆଳରେ ଏହାକୁ ଘୁଂଚାଇବାକୁ ଉଦ୍ୟମ ହେଉଛି । ବିଜୁ ବାବୁ ଏହାକୁ ପ୍ରତିଷ୍ଠା କରିଥିଲେ । ମୁଖ୍ୟ ଶାସନ ସଚିବ ସ୍ଥାନାନ୍ତରିତ କରିବା ପାଇଁ ପ୍ରତିରକ୍ଷା ବିଭାଗକୁ ଚିଠି ଲେଖିଛନ୍ତି । ବିଲ୍ଡରଙ୍କ କଥାରେ ସୈନିକ ସ୍କୁଲକୁ ଶ୍ରୀହୀନ କରିବାକୁ ପ୍ରୟାସ ହେଉଛି । ଏହାକୁ ବନ୍ଦ କରାଯାଉ। ଦେଶର ଅନ୍ୟ ରାଜ୍ୟରେ ସୈନିକ ସ୍କୁଲ ସେଭଳି ରହିଥିବା ବେଳେ ଭୁବନେଶ୍ୱର ସ୍କୁଲକୁ ଉଠାଇବାକୁ ପ୍ରୟାସ ହେଉଛି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଶୂନ୍ୟକାଳରେ ଦାବି କଲେ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ।

# ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଦୁଇଟି ଜିଲ୍ଲାରେ ମିଳିଛି ସୁନା ଖଣିର ସନ୍ଧାନ ମିଳିଛି । ଦେବଗଡ଼ ଜିଲ୍ଲାର ଆଡ଼ାସ-ରମାପଲ୍ଲୀ ଏବଂ କେନ୍ଦୁଝର ଜିଲ୍ଲାର ଗୋପୁର-ଗଜିପୁର ଅଂଚଳରେ ସୁନା ଖଣିର ସନ୍ଧାନ ମିଳିଥିବା ବିଧାନସଭାରେ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା । ଦେବଗଡ ଜିଲ୍ଲାର ଆଡାସ ରାମପଲ୍ଲୀ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଦ୍ୱାରା ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସରିଛି କେଉଁଝର ଜିଲ୍ଲାର ଗୋପୁର– ଗଜିପୁର ଅଂଚଳରେ ଜି-୩ ସ୍ତରର ଅନୁସନ୍ଧାନରେ ସନ୍ତୋଷଜନକ ଫଳାଫଳ ବାହାରିବା ଯୋଗୁଁ ସେ ଅଂଚଳରେ ଭାରତୀୟ ଭୂ-ବୈଜ୍ଞାନିକ ସଂସ୍ଥା ଓ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ସହଭାଗିତାରେ ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ଚାଲୁରହିଛି। ଅନୁସନ୍ଧାନକାରୀ ସଂସ୍ଥାମାନେ ଚୁଡାନ୍ତ ରିପୋର୍ଟ ପ୍ରଦାନ କଲା ପରେ ବୈଷୟିକ କମିଟିର ସୁପାରିସ କ୍ରମେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ।

# କଂଗ୍ରେସର ସଂକଳ୍ପ ଯାତ୍ରା ଶେଷ କରି ଶ୍ରୀଜୀଉଙ୍କ ଦର୍ଶନ କଲେ ଭକ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗୁରୁବାର ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ସଂକଳ୍ପ ପଦଯାତ୍ରା ଚନ୍ଦନପୁର ଠାରୁ ଦିନ ୧୦ ଘଟିକା ସମୟରେ ଆରମ୍ଭ ହେଲା। ଏହି ପଦଯାତ୍ରାରେ ଓଡ଼ିଶା ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ଓଡ଼ିଶା ସହ ପ୍ରଭାରୀ ରୋଜାଲୀନି ତିର୍କୀ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍, ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନିପତି, ବିଧାୟକ ଅଶୋକ ଦାସ, ଦାଶରଥି ଗମାଙ୍ଗ, ମଙ୍ଗୁ ଖିଲ, ପବିତ୍ର ସାଉଂଟା, ଆପାଲା ସ୍ୱାମୀ କାଡରେକା, ସାଗର ଦାସ, ବରିଷ୍ଠ କଂଗ୍ରେସ ନେତା ଉମାବଲ୍ଲଭ ରଥ, ଦେବାଶିଷ ପଟ୍ଟନାୟକ, ନବଜ୍ୟୋତି ପଟ୍ଟନାୟକ, ମାନସ ଚୌଧୁରୀ, ଜିଲ୍ଲା ସଭାପତି ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ବାଲେଶ୍ୱର ଜିଲ୍ଲା ସଭାପତି ସଂଜିବ ଗିରି, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଅଶିତ ପଟ୍ଟନାୟକ, ନଳିନୀ ମହାନ୍ତି, ଯାଜପୁର ଜିଲ୍ଲା ସଭାପତି ମନୋଜ ରାଉତ, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ୟାସିର ନୱାଜ, ଗୋପନ ମାର୍ଥା, ସୁଦିପ ସାମଲ, ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ପଦ୍ମାକର ଗୁରୁ, ଆଲୋକ ଦାସ, ଗୋପାଳଚନ୍ଦ୍ର ଖୁଂଟିଆ, ରାଜେଶ ମହାପାତ୍ର, ବିଷ୍ଣୁ ପ୍ରସାଦ ମିଶ୍ର, ସତ୍ୟବ୍ରତ ନାୟକ, ସନ୍ତୋଷ ନନ୍ଦ, ନଳିନ ପ୍ରଧାନ, ଗଣେଶ୍ୱର ଦାସ,ବିନୋଦ ପ୍ରଧାନ, ସ୍ମୃତିରଞ୍ଜନ ସ୍ୱାଇଁ, ଅଭିନାଶ ମିଶ୍ର, ଦାମୋଦର ପ୍ରଧାନ, ପର୍ଶୁରାମ ପ୍ରଧାନ, ଉମାପଦ ମିଶ୍ର, ରାମଚନ୍ଦ୍ର ସାହୁ, ପ୍ରତାପ ନାୟକ, ପଦ୍ମା ଜେନା, ଗଙ୍ଗାଧର ପ୍ରଧାନ, ପ୍ରବିର ପ୍ରଧାନ, କେତନ ମିଶ୍ର, ଲଲାଟେନ୍ଦୁ ଦାସ, ଅମରେନ୍ଦ୍ର ପାଇକରାୟ, ସୁଦିପ ମହାପାତ୍ର, ଛବିନ୍ଦ୍ର ପଡ଼ିଆରୀ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନପତି, ପ୍ରାଚୀ ରାଉତରାୟ, ନିଶିକାନ୍ତ ମିଶ୍ର, ସସ୍ମିତା ବେହେରା, ଜୟଶ୍ରୀ ପାତ୍ର, ସୋନାଲି ସାହୁ, ଶ୍ରୀୟାସ୍ମିତା ପଣ୍ଡା, ଶ୍ରୀୟା ମହାନ୍ତି, ଯବାମଣି ଟୁଡୁ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ସଂକଳ୍ପ ପଦଯାତ୍ରା ଦିନ ୨.୩୦ ମିନିଟ୍ ସମୟରେ ଅଠରନଳା ପାଖରେ ପହଂଚିଲା। ସେଠାରେ ଥିବା ଶ୍ରୀ ହରି ଭିଲାରେ ପଦଯାତ୍ରୀମାନେ ମଧ୍ୟାହ୍ନ ଭୋଜନ କରିବା ସହିତ ବିଶ୍ରାମ ନେଲେ। ଦ୍ୱିତୀୟ ପର୍ଯ୍ୟାୟ ପଦଯାତ୍ରା ଦିନ ୪.୧୫ ମିନିଟ ସମୟରେ ଆରମ୍ଭ ହେଲା। ହଜାର ହଜାର ପୁରୀ ଜିଲ୍ଲାରେ କଂଗ୍ରେସ କର୍ମୀ, ଶୁଭେଚ୍ଛୁ ଓ ନେତୃବୃନ୍ଦ ମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ସନ୍ଧ୍ୟା ୬.୧୫ ମନିଟ୍ ସମୟରେ ସଂକଳ୍ପ ପଦଯାତ୍ରା ଶ୍ରୀମନ୍ଦିର ସିଂହ ଦ୍ୱାର ପାଖରେ ପହଂଚିଲା। ପୁରୀ ଜିଲ୍ଲା ପୁଲିସ ପ୍ରଶାସନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଓ ଓଡ଼ିଶା ପ୍ରଭାରୀ ଅଜୟ ଲଲ୍ଲୁ, ସମସ୍ତ ବିଧାୟକ ଓ ବରିଷ୍ଠ କଂଗ୍ରେସ ନେତୃବୃନ୍ଦମାନେ ମହାପ୍ରଭୁଙ୍କୁ ଦର୍ଶନ କଲେ। ମହାପ୍ରଭୁଙ୍କ ଦର୍ଶନସାରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଦାସ ଗଣମାଧ୍ୟମଙ୍କୁ ସୂଚନା ଦେଇ କହିଲେ ଯେ, ଆସନ୍ତା ଦିନରେ ଏକ ରାଜନୈତିକ ମହାବିପ୍ଳବ ସୃଷ୍ଟି ହେବ। ହଜାର ହଜାର କଂଗ୍ରେସ କର୍ମୀ ଏ ବିପ୍ଳବରେ ଯୋଡ଼ି ହେବେ। ଓଡ଼ିଶା ଦିନେ କଂଗ୍ରେସ ଶାସନରେ ଥିଲା। ଖୁବ୍ ଅଳ୍ପ ଦିନ ମଧ୍ୟରେ କଂଗ୍ରେସ କ୍ଷମତା ଦଖଲ କରିବ। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ କେବଳ କଂଗ୍ରେସ ହିଁ ରକ୍ଷା କରିପାରିବ। ଓଡ଼ିଶାର କୃଷକ, ଯୁବକ, ମହିଳା, ଛାତ୍ର, ଶ୍ରମିକ ଏବଂ ଉଠା ଦୋକାନୀମାନଙ୍କ ସମସ୍ୟାକୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦିଆଯାଇ କଂଗ୍ରେସ ଲଢ଼ିବ। ଏହି ସଂକଳ୍ପ ପଦଯାତ୍ରାରେ ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ। ପ୍ରଦେଶ କଂଗ୍ରେସ ସଭାପତ ଏହି ପଦଯାତ୍ରାର ସୁପରିଚାଳନା କରିଥିବା ସମସ୍ତ କଂଗ୍ରେସ ନେତୃବର୍ଗଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି। ପୁନଃର୍ବାର ସୁଜିତ ମହାପାତ୍ର ଏବଂ ତାଙ୍କ ସମର୍ଥକଙ୍କ ସହ କଂଗ୍ରେସ ଦଳରେ ସାମିଲ ହେଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୃଥିବୀ ଆଡକୁ ...

କରାଇଛନ୍ତି । ବୈଜ୍ଞାନିକଙ୍କ ସୂଚନା ଅନୁଯାୟୀ, ୨୦୨୪ ୱାଇଆର୪ ଗ୍ରହାଣୁ ପ୍ରସ୍ଥ ୩୦୦ ଫୁଟ ହୋଇଥିବା ବେଳେ ଲମ୍ବ ୧୩୦ ଫୁଟ ବୋଲି କୁହାଯାଉଛି । ଯଦି ଏହା ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରେ, ତେବେ ଏହା ପ୍ରାୟ ୮ ମେଗାଟନ ସମକକ୍ଷ ଶକ୍ତି ନିର୍ଗତ କରିପାରିବ। ଏହାର ଶକ୍ତି ଏତେ ଯେ, ହିରୋସୀମା ଉପରେ ପକାଯାଇଥିବା ପରମାଣୁ ବୋମା ଅପେକ୍ଷା ୫୦୦ ଗୁଣା ଅଧିକ ଧ୍ୱଂସକାରୀ ହୋଇଥାଏ ।

### ଖୁବ୍‌ଶୀଘ୍ର ଭୁବନେଶ୍ୱର...

ବିମାନବନ୍ଦରର ଟର୍ମିନାଲ ୧ ର କ୍ଷମତା ପ୍ରତିବର୍ଷ ପ୍ରାୟ ୪୦ ଲକ୍ଷ ଯାତ୍ରୀଙ୍କୁ ପରିଚାଳନା କରିବାର ଏବଂ ପୂର୍ବରୁ ପ୍ରାୟ ୫୦ ଲକ୍ଷ ଯାତ୍ରୀ ଏହାକୁ ବ୍ୟବହାର କରୁଛନ୍ତି । ପ୍ରତିବର୍ଷ ଏହାର କ୍ଷମତା ୮୦ ଲକ୍ଷ ଯାତ୍ରୀଙ୍କୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି।

### ସାନ୍ତାଳୀ ଭାଷାର ...

ପକାଇବା ଏବଂ ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସାନ୍ତାଳୀ ଶିକ୍ଷାକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଜରିଆରେ ଅନୁରୋଧ ଜଣାଇଛନ୍ତି।

ସେହିପରି ବିଧାୟକ ଜଲେନ ନାଏକ ୫ ମେ ୨୦୨୫ରେ ସାନ୍ତାଳୀ ଭାଷାର ଶତବାର୍ଷିକୀ ପାଳନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ପ୍ରାଥମିକ ବିଦ୍ୟାଳୟସ୍ତରରେ ଆଲିଚିକି ଭାଷା କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବର୍ତ୍ତମାନର ସରକାରଙ୍କ ପ୍ରୟାସକୁ ମଧ୍ୟ ସ୍ୱୀକାର କରିଥିଲେ। ଆଲିଚିକି ଲିପିର ସ୍ରଷ୍ଟା ରଘୁନାଥ ମୁର୍ମୁଙ୍କୁ ସମ୍ମାନିତ କରିବା ପାଇଁ ରାଜ୍ୟ ବିଧାନସଭା କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ସେ ସୁପାରିଶ କରିଛନ୍ତି। ସାନ୍ତାଳୀ ଭାଷାର ଶତବାର୍ଷିକୀ ପାଳନ ପାଇଁ ଆହ୍ୱାନ ଓଡ଼ିଶା ରାଜ୍ୟରେ ଏହାର ସାଂସ୍କୃତିକ ଏବଂ ଐତିହାସିକ ଗୁରୁତ୍ୱର ଏକ ବ୍ୟାପକ ସ୍ୱୀକୃତିକୁ ପ୍ରତିଫଳିତ କରେ ବୋଲି ବିଧାୟକମାନେ କହିଛନ୍ତି।

ଭୁବନେଶ୍ୱର
୨୧ ଫେବୃୟାରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରାତି ୧୦ଟାରେ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଦର୍ଶନ

## ଲୋକନାଥଙ୍କ ପୀଠରେ ପଙ୍କୋଦ୍ଧାର ଓ ଜାଗରଯାତ୍ରା ପାଇଁ ନୀତି ନିର୍ଘଣ୍ଟ

**ଭୁବନେଶ୍ୱର, ୨୦/୨**
**ନ୍ୟୁଜ ବ୍ୟୁରୋ**



ଆସନ୍ତା ୨୬ ତାରିଖରେ ମହାଶିବରାତ୍ରି । ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ହୋଇଛି । ସମସ୍ତ ନିର୍ଦ୍ଧାରିତ ନୀତିକାନ୍ତିକୁ ଠିକ୍ ସମୟରେ ସୂଚାରୁ ରୂପେ କିପରି ସମ୍ପାଦନ କରାଯିବ, ସେନେଇ ନିଷ୍ପତ୍ତି ହୋଇଛି । ରାତି ୧୦ଟାରେ ଉଠିବ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ । ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ଚୂଡ଼ାନ୍ତ ନିଷ୍ପତ୍ତି ହୋଇଛି । କମିଶନରେଟ ପୋଲିସ ପକ୍ଷରୁ କରାଯାଇଥିବା ଏହି ସମନ୍ୱୟ ବୈଠକରେ ଜାଗର ସହ ମହାଦୀପ ଉଠିବା ପାଇଁ ନୀତିକାନ୍ତି ଧାର୍ଯ୍ୟ କରାଯିବା ସହ ଆନୁସଙ୍ଗିକ ବ୍ୟବସ୍ଥା ସଂପର୍କରେ ଆଲୋଚନା କରାଯାଇଛି । ସେହିପରି ପ୍ରଭୁ ଲୋକନାଥଙ୍କ ପୀଠରେ ଜାଗରଯାତ୍ରା ପାଇଁ ନୀତି ନିର୍ଘଣ୍ଟ ହୋଇଯାଇଛି । ଚଳିତ ମାସ ୨୪ ତାରିଖରେ ପଙ୍କୋଦ୍ଧାର ଏକାଦଶୀ ଓ ୨୬ ଫେବ୍ରୁୟାରୀରେ ପାଳିତ ହେବ ମହାଶିବରାତ୍ରି । ରାତି ୩ ଟାରେ ଉଠିବ ମହାଦୀପ । ୨୪ ତାରିଖ ପଙ୍କୋଦ୍ଧାର ଏକାଦଶୀ ପାଇଁ ରାତ୍ର ୧୨ଟା ୩୦ରୁ ଦ୍ୱାର ଖୋଲା ହେବ, ୧ ଟା ୧୫ରେ ମଙ୍ଗଳ ଆଳତି ଅବକାଶ ନୀତି ଅନୁଷ୍ଠିତ ହେବ । ଦିନ ୧୨ ଟାରୁ ରାତି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହେବ । ରାତ୍ର ୧୧ ସୁଦ୍ଧା ହେବ ବଡ଼ସିଂହାର । ସେହିପରି ୨୬ ତାରିଖ ଜାଗରଯାତ୍ରା ଦିନ ରାତି ୧୨ଟା ୩୦ରୁ ପହୁଡ଼ ଦ୍ୱାର ଖୋଲା, ରାତ୍ର ୧ ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆଳତି, ଅବକାଶ, ସୂର୍ଯ୍ୟ ପୂଜା, ଭୋର୍ ୪ ଟା ଠାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ । ରାତି ୨ରୁ ୩ ଟା ମଧ୍ୟରେ ହରିହର ଭେଟ ଓ ପରେ ଉଠିବ ମହାଦୀପ ।

# ବିଧାନସଭା ପରିସରରେ ଓଏଏସ ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ଭୁବନେଶ୍ୱର, ୨୦/୨ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ପ୍ରଶାସନିକ ସେବାର ଅଧିକାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣାର୍ଥୀ ମାନେ ବିଧାନସଭା ଗ୍ରନ୍ଥାଗାର, ଗବେଷଣା ବିଭାଗ ବୁଲି ଦେଖିବା ସହ ବିଧାନସଭାର କାର୍ଯ୍ୟାବଳୀ ଓ କାର୍ଯ୍ୟଧାରା ସମ୍ପର୍କରେ ବିଶେଷ ଭାବେ ଅବଗତ ହୋଇଥିଲେ । ଏହି ଅବସରରେ ବିଧାନସଭାର ସଚିବ ଶ୍ରୀ ସତ୍ୟବ୍ରତ ରାଉତ, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ ମୋନାଲିସା ଲେଙ୍କା, ବିଧାନସଭାର ଯୁଗ୍ମ ସଚିବ ସତିଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଭୁବନେଶ୍ୱର : ରାଜଭବନ ଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟୁଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା । ନିକଟରେ ଉପସ୍ଥିତ ଅଛନ୍ତି ରାଜ୍ୟପାଳଙ୍କ ପ୍ରିନ୍ସପାଲ ସେକ୍ରେଟାରୀ ଏନ୍‌ବିଏସ୍ ରାଜପୁତ । (ଫଟୋ : ସମ୍ବାଦ କଳିକା)

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ : ଖବର ପ୍ରକାଶନ ପୂର୍ବରୁ ସାବଧାନ ରହୁ ଗଣମାଧ୍ୟମ


**ନୂଆଦିଲ୍ଲୀ, ୨୦/୨**

ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣିକରି ସମାଜରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଗୁରୁତ୍ୱାରୋପ କରିଛନ୍ତି । ୨୦୧୪ ଜୁନ୍ ୨୭ରେ ଏକ ପେଣ୍ଟିଂ ନିଲାମକାରୀ ସଂସ୍ଥାକୁ ନେଇ ଜାତୀୟ ସ୍ତରୀୟ ଖବରକାଗଜ ଟାଇମ୍ସ ଇଣ୍ଡିଆର ସମ୍ପାଦକୀୟରେ ଅପମାନଜନକ ଲେଖା ପ୍ରକାଶିତ କରାଯାଇଥିବା ଅଭିଯୋଗକରି ଖବରକାଗଜର ସମ୍ପାଦକୀୟ ନିର୍ଦ୍ଦେଶକ ଜୟଦୀପ ବୋଷ ଏବଂ ଅନ୍ୟ ସାମ୍ବାଦିକଙ୍କ ବିରୋଧରେ ଅପରାଧିକ ମାନହାନି ମାମଲା ରୁଜୁ କରାଯାଇଥିଲା । ସୁପ୍ରିମକୋର୍ଟ ଉକ୍ତ ମାନହାନି ମାମଲାକୁ ଖାରଜ କରିଦେଇଛନ୍ତି । ଶୁଣାଣି ବେଳେ ଜଷ୍ଟିସ୍ ଜେ.ବି. ପାର୍ଡିୱାଲା ଏବଂ ଜଷ୍ଟିସ୍ ଜେ.ବି. ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି, ଜନତାଙ୍କର ମତକୁ ଆକାର ଦେବାରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ତେଣୁ ବେପରୁଆ ସାମ୍ବାଦିକତା ସମାଜ ପାଇଁ ଭୟାବହ ଏବଂ ଏହାର ଦୀର୍ଘକାଳୀନ ପରିଣାମ ପଡ଼ିପାରେ । ଖବରଦାତାମାନଙ୍କୁ କୌଣସି ଖବର କିମ୍ବା ମନ୍ତବ୍ୟ ପ୍ରକାଶ କରିବା ପୂର୍ବରୁ ଏହାର ସତ୍ୟତା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରିବା ଆବଶ୍ୟକ । ସେହିପରି ମାମଲାର ଶୁଣାଣି ବିଳମ୍ବ ହେବାରୁ କ୍ଷୁର୍ଣ୍ଣ ହେଉଛି ଅଭିଯୁକ୍ତର ମୌଳିକ ଅଧିକାର । ଏକ ମାମଲାର ଶୁଣାଣି ବେଳେ ଏମିତି କହିଛନ୍ତି ବିଚାରପତି ଜେ.ବି. ପାର୍ଡିୱାଲା ଏବଂ ବିଚାରପତି ଆର. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ । ସେହିପରି ଅନ୍ୟଏକ ମାମଲାରେ ନକ୍ସଲ କାର୍ଯ୍ୟକଳାପରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜଣେ ବ୍ୟକ୍ତି ୫ ବର୍ଷ ହେଲା ଜେଲରେ ରହିଥିଲେ । ତାଙ୍କୁ ଜାମିନ ପ୍ରଦାନ ବେଳେ ଏମିତି କହିଛନ୍ତି ସୁପ୍ରିମକୋର୍ଟ । ଅଭିଯୁକ୍ତ ୨୦୨୦ ମସିହାରୁ ପୋଲିସ ହେପାଜତରେ ରହିଥିଲେ । ସରକାରୀ ଓକିଲ ଏନେଇ ୧୦୦ ଜଣ ସାକ୍ଷୀଙ୍କୁ ପଚରାଉଚରା କରିବା ପାଇଁ ସ୍ଥିର କରିଥିଲେ । ସେଥିମଧ୍ୟରୁ ପ୍ରାୟ ୪୪ ଜଣଙ୍କ ବୟାନ ରେକର୍ଡ କରାଯାଇଛି । ୪୪ ଜଣ ସମାନ କଥା କହିଛନ୍ତି । ଯାହାକୁ ନା ପସନ୍ଦ କରି ସୁପ୍ରିମକୋର୍ଟ କହିଛନ୍ତି ୧୦୦ ଜଣଙ୍କୁ ପଚାରି ସମାନ କଥା ଜାଣିବାର କୌଣସି ଲାଭ ନାହିଁ । ଶୁଣାଣିରେ ବିଳମ୍ବ ହେବା କେବଳ ପୀଡିତକୁ ନୁହେଁ ବରଂ ଭାରତୀୟ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ । ଦୋଷୀ ସାବ୍ୟସ୍ତ ନହୋଇ ଜଣଙ୍କୁ ଏତେଦିନ ଜେଲରେ ରଖିବା ସମ୍ବିଧାନର ଧାରା ୨୧ର ଉଲ୍ଲଂଘନ । ଯାହା ଅଭିଯୁକ୍ତଙ୍କ ପରିବାର ଉପରେ ଆର୍ଥିକ ବୋଝ ସହ ସାମାଜିକ ପ୍ରଭାବ ପକାଇଥାଏ । ଥରେ ଅଭିଯୁକ୍ତ ହୋଇ ପୋଲିସ ହେପାଜତକୁ ଆସିଲେ ବ୍ୟକ୍ତିର ଚାକିରି ଚାଲିଯାଏ, ସମ୍ପର୍କ ଭାଙ୍ଗିଯାଏ । ପରେ ନିର୍ଦ୍ଦୋଷ ସାବ୍ୟସ୍ତ ହେଲେ ବି ତାକୁ କୌଣସି କ୍ଷତିପୂରଣ ମିଳେ ନାହିଁ । ଯଦି ଅଭିଯୋଗର ନ୍ୟାୟ ଆସିବା ପାଇଁ ଅଭିଯୁକ୍ତ ୫ ରୁ ୬ ବର୍ଷ ଜେଲରେ କାଟୁଛି, ଏହାର ଅର୍ଥ ଧାରା ୨୧ ଅଧିକାରର ଉଲ୍ଲଂଘନ ହେଉଛି । ଅପରାଧ ଯେତେ ଗୁରୁତର ହୋଇଥିଲେ ବି ଶୀଘ୍ର ବିଚାର କରାଯିବା ଅଭିଯୁକ୍ତର ଏକ ମୌଳିକ ଅଧିକାର ।




# ଖୁବ୍‌ଶୀଘ୍ର ନୂଆ ସିଟି ଡିପିଆର : ପ୍ରାଥମିକ ପର୍ଯ୍ୟାୟରେ ୨୦୦ କୋଟି ବ୍ୟୟ ବରାଦ

**ଭୁବନେଶ୍ୱର, ୨୦/୦୨**
**ନ୍ୟୁଜ ବ୍ୟୁରୋ**



ସହର ଉପକଣ୍ଠରେ ନୂଆ ସହର ଠିଆ ହେବ । ବଜେଟ୍‌ରେ ଗ୍ରୀନ ସିଗ୍‌ନାଲ ମିଳିବା ପରେ ବିଡିଏ ଆଉ ପାଦେ ଆଗକୁ ବଢ଼ିଛି । ଖୁବ୍‌ଶୀଘ୍ର ନିୟୁ ସିଟିର ଡିପିଆର (ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି । ଏହା ସହ ରେଳ ଷ୍ଟେସନ ସମ୍ମୁଖରେ ବିକାଶ ପାଇଁ ଭୁବନେଶ୍ୱର ଟାଉନ ସେଣ୍ଟର (ବିଟିସି)ର ସମୀକ୍ଷା ହୋଇଛି । ବିଡିଏ ଉପାଧ୍ୟକ୍ଷ ଏନ୍ ଥିରୁମାଲା ନାଏକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାର ସୁନେଲି ନକ୍ସା ଆଙ୍କିବାକୁ ବିସ୍ତୃତ ଭାବେ ଆଲୋଚନା ହୋଇଛି । ପ୍ରାଥମିକ ପର୍ଯ୍ୟାୟରେ ବିଡିଏ ପକ୍ଷରୁ ୩୨୨ ହେକ୍ଟର ଜମିରେ ନୂଆ ସହର ନିର୍ମାଣ କରାଯିବ । ଏହା ସହ ସୂଚନା ଓ ପ୍ରଯୁକ୍ତି ବିଦ୍ୟା, ଗବେଷଣା ଓ ବିକାଶକୁ ଗୁରୁତ୍ୱ ଦେଇ ଏହା କ୍ରମେ ୩୬୦୦ ହେକ୍ଟରକୁ ବୃଦ୍ଧି କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଗୋଠପାଟଣା, ମଳିପଡ଼ା, ଦାସପୁରକୁ ଲାଗି ଏହି ନ୍ୟୁ ସିଟି ନିର୍ମାଣ ହେବ । ସହରରେ ପ୍ରାୟ ୨ ଲକ୍ଷରୁ ଅଧିକ ଲୋକେ ରହିବା ଭଳି ଭିତ୍ତିଭୂମି ନିର୍ମାଣ କରାଯିବ । ରାସ୍ତା, ଡ୍ରେନ୍, ଗମନାଗମକୁ ଗୁରୁତ୍ୱ ଦେଇଛି ବିଡିଏ । ଏହାକୁ ଦୃଷ୍ଟିରେ ରଖି ନାକାଗେଟ୍ ଛକରୁ କାଟେଣୀ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତା ନିର୍ମାଣ କରାଯିବ । ସେହିପରି ଆଗକୁ ରିଙ୍ଗ ରୋଡ୍ ସହିତ ରାସ୍ତା ସଂଯୋଗ କରିବାକୁ ଯୋଜନା କରାଯାଇଛି । ଟ୍ରାଫିକ୍ ଭିଡ଼ କମାଇବାକୁ ଶାଖା ରାସ୍ତା ନିର୍ମାଣ କରିବାକୁ ଯୋଜନା ହୋଇଛି । ସେହିପରି ସିଟିରେ ମୋ ବସ୍ ଚଳପ୍ରଚଳ କରିବ । ସମ୍ପୂର୍ଣ୍ଣ ଭାବେ ଇ- ବସ୍ ଚଳାଇବାକୁ ପ୍ରସ୍ତାବ ଦିଆଯାଇଛି । ସେଠାରେ ଇ-ବସ୍ ଡିପୋ ନିର୍ମାଣ ହେବ । ସେହିପରି ମେଟ୍ରୋ ସଂଯୋଗ ମଧ୍ୟ କରାଯିବ । ସହର ଭିତରେ ମାର୍କେଟ କମ୍ପ୍ଲେକ୍ସ, ଷ୍ଟାଡିୟମ, ସିନେମା ହଲ୍, ଖେଳ ପଡିଆ, ସ୍କୁଲ, କଲ୍ୟାଣ ମଣ୍ଡପ ନିର୍ମାଣ ହେବ । ୪୦ ପ୍ରତିଶତ ଜାଗା ଫାଙ୍କା ରଖାଯିବ । ଏହା ସହ ଭୁବନେଶ୍ୱର ରେଳଷ୍ଟେସନ ବିକାଶ କାର୍ଯ୍ୟର ମଧ୍ୟ ସମୀକ୍ଷା ହୋଇଛି । ଏଲିଭେଟେଡ୍ ଡ୍ରାଇଭ୍ ୱେ ନିର୍ମାଣ ପାଇଁ ଅନୁମତି ମିଳିବା ଫଳରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଆବଣ୍ଟିତ ଜମିରେ ଏଲିଭେଟେଡ୍ ଆପ୍ରୋଚ୍ ଏବଂ ଏକ୍‌ଜିଟ୍ ରୋଡ୍ ନିର୍ମାଣ ହେବ । ପୂର୍ବତଟ ରେଳପଥ ଏବଂ ବିଡିଏ ମିଶି କାମ କରିବେ । ଷ୍ଟେସନ ପରିସରରେ ପାର୍କିଂ କ୍ଷେତ୍ର ଏବଂ ବାଣିଜ୍ୟିକ ସ୍ଥାନଗୁଡ଼ିକର ବିକାଶ କରାଯିବ । ବିଡିଏ ମାର୍କେଟ୍ କମ୍ପ୍ଲେକ୍ସ ତଥା ଆଖି ଝଲସାଇବା ଭଳି ମଲ୍ କରିବାକୁ ଯୋଜନା କରିଛି । ମୋଟ୍ ୧୨ ଏକର ଜମିରେ ବିକାଶ କରିଯିବ । ଫଳରେ ଯାତ୍ରୀମାନଙ୍କ ପାଇଁ ବିଶ୍ୱସ୍ତରୀୟ ଅତ୍ୟାଧୁନିକ ସୁବିଧାମାନ ମିଳିପାରିବ । ଭୁବନେଶ୍ୱର ଷ୍ଟେସନ୍ ପ୍ରବେଶ ପଥକୁ ଯିବାକୁ ଥିବା ରାସ୍ତା ନିର୍ମାଣ କରାଯିବା ସହ ସୌନ୍ଦର୍ଯ୍ୟକରଣ କରାଯିବ । ପୂର୍ବରୁ ମଲ୍ଟି ମୋଡାଲ ହବ୍ ପ୍ରକଳ୍ପ ନାଁ ରହିଥିଲା । ଏହାକୁ ପରିବର୍ତ୍ତନ କରାଯାଇ ଭୁବନେଶ୍ୱର ଟାଉନ ପ୍ଲାନ ରଖାଯିବ । ମାଷ୍ଟରକ୍ୟାଣ୍ଟିନ୍ ଛକରୁ ଷ୍ଟେସନ, ମେଟ୍ରୋ ଷ୍ଟେସନ୍ ଓ ସଡ଼କ ପଥ ସହ ଯୋଡ଼ିବା ବ୍ୟବସ୍ଥା କରାଯିବ । ଷ୍ଟେସନର ସାମ୍ନା ଭାଗରେ ବ୍ୟାପକ ବୃକ୍ଷରୋପଣ କରାଯାଇ ପରିବେଶ ଉପଯୋଗୀ କରାଯିବ । କାର୍, ବାଇକ୍ ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା ରହିବ ।

## ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଦିବ୍ୟାଙ୍ଗଙ୍କୁ ଦିଆଯିବ ପୁରସ୍କାର

**ଭୁବନେଶ୍ୱର, ୨୦/୦୨ ନ୍ୟୁଜ ବ୍ୟୁରୋ**

ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟଶାଖା ତରଫରୁ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ମୁକ, ବଧିର, ଦୃଷ୍ଟିହୀନ, ଶାରୀରିକ ଦିବ୍ୟାଙ୍ଗ ଓ ମାନସିକ ଅନଗ୍ରସର ବ୍ୟକ୍ତିମାନଙ୍କୁ ୪ଟି ଦିବ୍ୟାଙ୍ଗ ବର୍ଗରେ ଆଗାମୀ ଉତ୍କଳ ଦିବସ (୧-ଏପ୍ରିଲ, ୨୦୨୫)ରେ ପୁରସ୍କୃତ କରାଯିବ । ପ୍ରତ୍ୟେକ ଦିବ୍ୟାଙ୍ଗ ବର୍ଗରେ ଦୁଇଜଣ ବ୍ୟକ୍ତିଙ୍କୁ ପୁରସ୍କାର ଆକାରରେ ନଗଦ ଟଙ୍କା ଏବଂ ମାନପତ୍ର ପ୍ରଦାନ କରାଯିବ । ଏଥିନିମନ୍ତେ ସରକାରୀ, ଅର୍ଦ୍ଧ ସରକାରୀ ଏବଂ ଦିବ୍ୟାଙ୍ଗମାନଙ୍କର ସମାନ ସୁଯୋଗ, ଅଧିକାର, ସୁରକ୍ଷା ଓ ସକ୍ରୀୟ ଅଂଶଗ୍ରହଣ ପାଇଁ କାର୍ଯ୍ୟକରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ପ୍ରତ୍ୟେକ ଦିବ୍ୟାଙ୍ଗ ବର୍ଗ ନିମନ୍ତେ ଦୁଇ ଜଣ ବ୍ୟକ୍ତିଙ୍କ ନାମ ଅନୁମୋଦନ କରି ଦରଖାସ୍ତ ସହ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଫଟୋ ଏବଂ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ସମ୍ପୂର୍ଣ୍ଣ ବିବରଣୀ ଆଦି ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ କରିବେ । ଏହାପରେ ଦାଖଲ ହୋଇଥିବା ଫର୍ମ ମଧ୍ୟରୁ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀମାନେ ପ୍ରତ୍ୟେକ ଦିବ୍ୟାଙ୍ଗ ବର୍ଗରୁ ଦୁଇଜଣ ବ୍ୟକ୍ତିଙ୍କ ନାମ ମନୋନୟ କରି ଆସନ୍ତା ୨୫ ଫେବୃୟାରୀ, ୨୦୨୫ ସୁଦ୍ଧା ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା, ରେଡ୍‌କ୍ରସ ଭବନ, ଭୁବନେଶ୍ୱରକୁ ପ୍ରେରଣ କରିବେ । ୨୮ ଫେବୃୟାରୀ, ୨୦୨୫ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ବୋଲି ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ସୂଚନା ପ୍ରଦାନ କରାଯାଇଛି । ଆସନ୍ତା ଉତ୍କଳ ଦିବସ ଦିନ ୮ଜଣ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭାରତୀୟ ରେଡ୍‌କ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ତରଫରୁ ପୁରସ୍କୃତ କରାଯିବ ।

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



ଭୁବନେଶ୍ୱର: ନବୀନ ନିବାସରେ ପ୍ରଖ୍ୟାତ ବଲିଉଡ଼ ଅଭିନେତା ଦିଲ୍ଲୀପ ତାହିଲ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ତାଙ୍କ ବାପା ବିଜୁ ବାବୁଙ୍କ କଳିଙ୍ଗ ଏୟାରୱେଜର ଜଣେ ପାଇଲଟ ଥିଲେ । (ଫଟୋ : ସମ୍ବାଦ କଳିକା)

## କେନ୍ଦୁଝର ଗସ୍ତରେ ଯିବେ ମୁଖ୍ୟମନ୍ତ୍ରୀ : ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଆଶ୍ରମ ଲୋକାର୍ପଣ କରିବେ

**କେନ୍ଦୁଝର, ୨୦/୦୨ ନ୍ୟୁଜ**

ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର କେନ୍ଦୁଝର ପୁରୁଣା ବଜାରରେ ନବନିର୍ମିତ ଆଶ୍ରମକୁ ଶନିବାର ଦିନ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିନେଇ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଲେ କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ ଏବଂ ବଡ଼ବିଲ କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ । ଶନିବାର ଦିନ ସୁଖ ଶାନ୍ତି ସରୋବର ନାମକ ଏହି ଭବ୍ୟ ଆଶ୍ରମର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଏବଂ ବ୍ରହ୍ମକୁମାରୀ ସଂଗଠନର ଅତିରିକ୍ତ ମୁଖ୍ୟ ପରିଚାଳିକା ବ୍ରହ୍ମକୁମାରୀ ଜୟନ୍ତୀ, କଟକ ଉପଖଣ୍ଡର ନିର୍ଦ୍ଦେଶିକା ବ୍ରହ୍ମ କୁମାରୀ କମଲେଶ ଉପସ୍ଥିତ ରହିବେ । ବର୍ତ୍ତମାନ ସମୟରେ ସମାଜରେ ଅଶାନ୍ତି ଏବଂ ଜଞ୍ଜାଳରୁ ମୁକ୍ତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ତଥା ଧ୍ୟାନ ମାଧ୍ୟମରେ ସମାଜକୁ ଶୃଙ୍ଖଳିତ କରିବା ପାଇଁ ଏହି ଆଶ୍ରମ କାର୍ଯ୍ୟ କରିବ ବୋଲି କେନ୍ଦୁଝର କେନ୍ଦ୍ରର ସଞ୍ଚାଳିକା ବ୍ରହ୍ମକୁମାରୀ ବିନ୍ଦୁ କହିଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଯୋଗଦେବା ପାଇଁ ସଂଗଠନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରାଯାଇଛି ।




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଖାଉଟିଙ୍କ ଗହମ ଆଶା ମଉଳୁଛି: ମାର୍ଚ୍ଚରୁ କେବଳ ଚାଉଳ ଯୋଗାଇବାକୁ କେନ୍ଦ୍ରର ଆବଣ୍ଟନପତ୍ର

**ଭୁବନେଶ୍ୱର, ୨୦/୦୨**
**ନ୍ୟୁଜ ବ୍ୟୁରୋ**



ରାସନ କାର୍ଡ ହିତାଧିକାରୀଙ୍କୁ ମିଳିବ ଗହମ । ପୂର୍ବଭଳି ସାଧାରଣ ବଣ୍ଟନ କେନ୍ଦ୍ରରୁ ନିଜ ପସନ୍ଦରେ ଖାଉଟି ଚାଉଳ ସହ ଗହମ ବି ଉଠାଣ କରିପାରିବେ । ନୂଆ ସରକାର ଆସିବା ପରେ ବିଭାଗୀୟ ମନ୍ତ୍ରୀ ଏମିତି ଆଶା ଦେଖାଇଥିଲେ । ନିଜ କଥାକୁ ବାରମ୍ବାର ଦୋହରାଇଲେ । ଲାଗୁଥିଲା, ନୂଆବର୍ଷରୁ ନିଶ୍ଚିତ ଗହମ ମିଳିବ । ମାତ୍ର ଏଯାଏ ଗହମ ମିଳିଲାନି କିମ୍ବା ମିଳିବାର ନାଁ ଗନ୍ଧ ଉଠୁନି । ଯୋଗାଣ ବିଭାଗର ତାଜା ସୂଚନା କହୁଛି, ନିକଟରେ ଖାଉଟିଙ୍କୁ ଗହମ ମିଳିବାର ସମ୍ଭାବନା ନାହିଁ । କେନ୍ଦ୍ର ସରକାର ମାର୍ଚ୍ଚ ମାସରୁ ଖାଉଟିଙ୍କୁ କେବଳ ଚାଉଳ ଯୋଗାଣ ପାଇଁ ଆବଣ୍ଟନପତ୍ର ଜାରି କରିଛନ୍ତି । ରାଜ୍ୟ ସରକାର ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଠାରୁ ଗହମ ଉଠାଣ ପାଇଁ ପରିବହନ ବ୍ୟବସ୍ଥା ସ୍ଥିର କରିନାହାନ୍ତି । ଏମିତିରେ ଖାଉଟି ଗହମ ପାଇବା ଆଶା ନାହିଁ । ୨୦୨୦-୨୧ରୁ ରାଜ୍ୟରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ବନ୍ଦ ରହିଛି । ହିତାଧିକାରୀଙ୍କୁ କେବଳ ଚାଉଳ ମିଳୁଛି । ନୂଆ ସରକାର ପୁଣି ଥରେ ଗହମ ବଣ୍ଟନ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ । ଖୋଦ୍ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ଏ ନେଇ ପ୍ରଥମେ ସ୍ପଷ୍ଟ କରିଥିଲେ । ପରେ ଗଣମାଧ୍ୟମ ସମ୍ମୁଖରେ ବି ପୁଣି ଗହମ ମିଳିବ ବୋଲି ଘୋଷଣା କରିଥିଲେ । ଏ ନେଇ କେନ୍ଦ୍ରକୁ ଚିଠି କରିବା ସହ କେନ୍ଦ୍ରମନ୍ତ୍ରୀଙ୍କ ସହ ମନ୍ତ୍ରୀ ନିଜେ ଆଲୋଚନା କରିଥିବା କହିଥିଲେ । ନୂଆ ବ୍ୟବସ୍ଥାରେ ଓଡ଼ିଶାକୁ ୩ ଲକ୍ଷ ୩୩ ହଜାର ୪୯୧ ମେଟ୍ରିକ ଟନ୍ ଚାଉଳ ଓ ୩୯ ହଜାର ୮୧୨ ମେଟ୍ରିକ ଟନ୍ ଗହମ ମିଳିବ ବୋଲି ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଥିଲା । ମନ୍ତ୍ରୀ ଘୋଷଣା କଲେ, ଅକ୍ଟୋବରରୁ ଚାଉଳ ସହ ଗହମ ବି ପାଇବେ ରାସନ କାର୍ଡ ହିତାଧିକାରୀ । ମଧୁମେହ ରୋଗୀ ଓ ରୁଟି ପ୍ରିୟ ଖାଉଟିଙ୍କ ମନ ଖୁସି ଥିଲା ଏ ଘୋଷଣାରେ । ହେଲେ ଅକ୍ଟୋବର ଯାଇ ଫେବ୍ରୁୟାରୀ ସରିବାକୁ ବସିଲାଣି, ତଥାପି ମିଳିଲାନି ଗହମ । ବିଧାନସଭାରେ ମନ୍ତ୍ରୀ ରଖିଥିବା ସୂଚନା ଅନୁସାରେ, ଗହମ ଉଠାଣ ପାଇଁ ସମସ୍ତ ଜିଲ୍ଲାରେ ଆବଶ୍ୟକ ପରିବହନ ବ୍ୟବସ୍ଥା ସ୍ଥିରୀକୃତ ହେବା ପରେ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇବେ । ତା'ପରେ କେନ୍ଦ୍ର ସରକରଙ୍କଠାରୁ ପରିବର୍ତ୍ତିତ ଆବଣ୍ଟନପତ୍ର ପ୍ରକାରେ ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ବଣ୍ଟନ କରାଯିବ । ଅର୍ଥାତ୍ ଗହମ ମିଳିବା ନେଇ ଏବେ କିଛି କହି ହେବନି । ଏଫ୍‌ସିଆଇରୁ ଯୋଗାଣ ବିଭାଗ ଗୋଦାମକୁ ଗହମ ପରିବହନ ପାଇଁ ଟେଣ୍ଡର ଚୂଡ଼ାନ୍ତ ହୋଇପାରିନି । ପୂର୍ବରୁ ମନ୍ତ୍ରୀ କହିଥିଲେ, ଗହମ ଆସି ଗଚ୍ଛିତ ରହିଛି । ମାତ୍ର କେଉଁ ଜିଲ୍ଲା ପାଇଁ କେତେ ଗହମ ଆବଶ୍ୟକ, ତା'ର ହିସାବ ହୋଇପାରିନି । ଏଥିପାଇଁ ଆଉ କିଛି ସମୟ ଲାଗିବ । ଜିଲ୍ଲାସ୍ତରରୁ ଚାହିଦା ରିପୋର୍ଟ ଆସିବା ପରେ ଗହମ ବଣ୍ଟନ ପ୍ରକ୍ରିୟା ଆଗେଇ ପାରିବ । ଏବେ ପ୍ରଶ୍ନ ଉଠୁଛି, ଗଚ୍ଛିତ ଗହମ ଖାଉଟିଙ୍କୁ ମିଳିବ ନା ନାହିଁ? ଗହମ ପାଇବାକୁ ରାଜ୍ୟର ଖାଉଟିଙ୍କୁ ଆଉ କେତେ ମାସ ଅପେକ୍ଷା କରିବାକୁ ପଡ଼ିବ ତାହା ଯୋଗାଣ ବିଭାଗ ବି ସ୍ପଷ୍ଟ କରୁନି ।